ଧରିତ୍ରୀ
DHARITRI
ମଙ୍ଗଳବାର, ୨୫ ସେପ୍ଟେମ୍ବର, ୨୦୧୮



## ଇଞ୍ଜେକଶନ ନେବା ପରେ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

# ପ୍ରଶାସନ ପକ୍ଷରୁ ମିଳିଲା ସହାୟତା



ଘଟଣାସ୍ଥଳରେ ବଲାସିଂହା ଗାଁର ଶତାଧିକ ଲୋକ ଭିଡ ଜମାଇଛନ୍ତି।

**ଅନୁଗୋଳ ଅଫିସ, ୨୪।୯**

ଡାକ୍ତର ଦେଖାଇ ସୋମବାର ଏକ ଔଷଧ ଦୋକାନରୁ ଇଞ୍ଜେକଶନ ନେବା ପରେ ଅନୁଗୋଳ ଥାନା ବଲାସିଂହା ବାଲିସାହିର ଶିବରାମ ପ୍ରଧାନ(୩୫)ଙ୍କ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ତାଙ୍କ ସମ୍ପର୍କୀୟ ଥାନାରେ ଅଭିଯୋଗ କରିବା ପରେ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ତେବେ ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିରେ ହସ୍ତକ୍ଷେପ କରାଯାଇ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବା ପରେ ଲୋକେ ଶାନ୍ତ ପଡ଼ିଥିଲେ।

ଅଭିଯୋଗ ଅନୁଯାୟୀ, ଶିବରାମ ଦିନ ମଜୁରିଆ ଭାବେ କାମ କରନ୍ତି। ଗଳାରେ ଯନ୍ତ୍ରଣା ହେଉଥିବାରୁ ସେ ପୂର୍ବାହ୍ନରେ ହାଟ ଛକସ୍ଥିତ ଏକ ଘରୋଇ କ୍ଲିନିକ୍‌କୁ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ଆଡମିଶନ ହେବାକୁ କହିଥିଲେ। ହେଲେ ସେ ଏକା ଥିବାରୁ ପ୍ରେସକ୍ରିପଶନ ନେଇ ଚାଲିଯାଇଥିଲେ। ପରେ ଆଶ୍ରମ ଛକଠାରେ ଥିବା ଏକ ମେଡିଶିନ୍ ଷ୍ଟୋରରେ ଇଞ୍ଜେକଶନ ନେଇଥିଲେ। କିଛିସମୟ ପରେ ସେ ଅସୁସ୍ଥ ଅନୁଭବ କରି ଅଟୋରେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ଯାଉଥିଲେ ବି ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ବଲାସିଂହା ଗାଁର ଶତାଧିକ ଲୋକ ଉକ୍ତ ଘରୋଇ କ୍ଲିନିକ୍ ଓ ଶବ ବ୍ୟବଚ୍ଛେଦ ଗୃହ ନିକଟରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଫଳରେ ସେଠାରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଏ ନେଇ ମୃତକଙ୍କ ସମ୍ପର୍କୀୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୧୨୫/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଖବରପାଇ ଅନୁଗୋଳ ତହସିଲଦାର ବିଚିତ୍ରା ନନ୍ଦ ନାୟକ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ପରେ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ସରପଞ୍ଚ ସଂଘ ସଭାପତି କନ୍ଦର୍ପ ମହାରଣା, ବଲାସିଂହା ସରପଞ୍ଚ ଅଶୋକ ସାହୁ, ଯୁବନେତା ମାନସ ରଞ୍ଜନ ଦେହୁରୀ, ସୁଶିତ କୁମାର ସାହୁ, ପୂର୍ବତନ ସରପଞ୍ଚ ଅଶୋକ ସାହୁ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ପ୍ରଶାସନିକ ସହାୟତା ପ୍ରଦାନ ପାଇଁ ନିବେଦନ କରିଥିଲେ। ଏହାପରେ ମୃତକଙ୍କ ସ୍ତ୍ରୀଙ୍କୁ ରେଡକ୍ରସରୁ ୧୦ ହଜାର, ଜନମଙ୍ଗଳ ଯୋଜନାରେ ୨୦ହଜାର ଟଙ୍କା ପ୍ରଦାନ ସହ ବିଜୁ ପକ୍କାଘର, ବିଧବା ଭତ୍ତା ଓ ୨ ପିଲାଙ୍କୁ ସରକାରୀ ବିଦ୍ୟାଳୟରେ ସମ୍ପୂର୍ଣ୍ଣ ମାଗଣାରେ ପାଠପଢ଼ା ବ୍ୟବସ୍ଥା କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ଥମିଥିଲା।

## ସେସୁ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ତାଳଚେର ବିଦ୍ୟୁତ୍ କର୍ମଚାରୀମାନେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

**ଅନୁଗୋଳ ଅଫିସ/ ତାଳଚେର, ୨୪।୯**

ଓଡ଼ିଶା ପାୱାର ଏମ୍ପ୍ଲୋଇଜ ୟୁନିୟନ ଡାକରାରେ ଅନୁଗୋଳ ଜିଲା ଶାଖା ପକ୍ଷରୁ ସୋମବାର ସେସୁ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀମାନେ ଧାରଣାରେ ବସିଛନ୍ତି। ଅନୁଗୋଳ ସଂଘ ସଭାପତି ପ୍ରୀତିରଞ୍ଜନ ବେହେରାଙ୍କ ନେତୃତ୍ୱରେ ଜିଲାର ୧୨ଟି ବିଦ୍ୟୁତ୍ ଷ୍ଟ୍ରକଚରରେ କାର୍ଯ୍ୟରତ ସମସ୍ତ ୮୪ କର୍ମଚାରୀ ଏହି ଧାରଣାରେ ଯୋଗ ଦେଇଛନ୍ତି। ସରକାର ଦାବି ପୂରଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ୧୧ ଦଫା ଦାବି ନେଇ କର୍ମଚାରୀମାନେ ଏହି ଆନ୍ଦୋଳନ ଚଳାଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ଅନୁଗୋଳ ଜିଲା ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଥିବା ସଭାପତି ବେହେରା ପ୍ରକାଶ କରିଛନ୍ତି। ସେହିପରି ତାଳଚେର ଚାଇଁପାଳ ସ୍ଥିତ ସେସୁ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିଦ୍ୟୁତ୍ ଠିକା ଶ୍ରମିକମାନେ ୧୧ ଦଫା ଦାବି ନେଇ ଗଣଧାରଣା ଦେଇଛନ୍ତି। ଫଳରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଥିଲା। ଏହି ଶ୍ରମିକମାନଙ୍କୁ ଠିକାଦାର ଓ ସେସୁ ଅଧିକାରୀମାନେ ଶୋଷଣ କରୁଥିବା ବେଳେ ସର୍ବନିମ୍ନ ମଜୁରୀ ମଧ୍ୟ ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ବାରମ୍ବାର ଆପତ୍ତି ଅଭିଯୋଗ ପରେ କୌଣସି ସୁଫଳ ନ ମିଳିବାରୁ ଏହି ଶ୍ରମିକମାନେ ଗଣଧାରଣା ଦେଇଛନ୍ତି। ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ଦିଲୀପ ନନ୍ଦ, ବାଳକୃଷ୍ଣ ପ୍ରଧାନ ଓ ଅନ୍ୟମାନେ ପ୍ରକାଶ କରିଛନ୍ତି।

## ବଳାତ୍କାର ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ୍

**ଅନୁଗୋଳ ଅଫିସ, ୨୪।୯**

ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ସୋମବାର ଅନୁଗୋଳ ଅତିରିକ୍ତ ଜିଲା ଦୌରାଜଜ୍ ସୌଭାଗିନୀ ମଲ୍ଲିକ ଅଭିଯୁକ୍ତ ଅନୁଗୋଳ ଜିଲା ଖମାର ଥାନା ଅଞ୍ଚଳର ସୁଶାନ୍ତ ସେଠୀଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ୨୦୧୫ ନଭେମ୍ବର ୨୬ରେ ଏହି ଘଟଣା ଘଟିଥିଲା। ନାବାଳିକା ଜଣକ ସମ୍ପର୍କୀୟ ମାମୁ ଘରକୁ ବୁଲିବାକୁ ଆସିଥିବା ବେଳେ ସୁଶାନ୍ତ ତାଙ୍କୁ ଡାକି ନେଇ ବଳାତ୍କାର କରିବା ପରେ ଅଚେତ ଅବସ୍ଥାରେ ଏକ ବସ୍ତାରେ ବାନ୍ଧି ଘର ପାଖ ପୋଖରୀ କୂଳରେ ପକାଇ ଦେଇଥିଲେ। ଚେତା ଫେରିବା ପରେ ନାବାଳିକା ଜଣକ ବସ୍ତାରୁ ବାହାରି ସେଠାରେ ପଡି ରହିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରିବା ପରେ ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଖମାର ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଅଭିଯୁକ୍ତ ସୁଶାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଦାବି ପୂରଣ ହେଉନି, ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ



ଅନୁଗୋଳ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଆନ୍ଦୋଳନ ଚଳାଇଛନ୍ତି।

**ଅନୁଗୋଳ ଅଫିସ/ ଛେଣ୍ଡିପଦା/ ତାଳଚେର/ବଣଁରପାଳ, ୨୪।୯**

ଓଡ଼ିଶା ହାବିଲଦାର ଓ ଫାୟାର ମ୍ୟାନ ସଂଘ ଡାକରାରେ ଅନୁଗୋଳ ଅଗ୍ନିଶମ କର୍ମଚାରୀମାନେ କାର୍ଯ୍ୟାଳୟ ପରିସରରେ ୬ ଦଫା ଦାବି ନେଇ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଛି। ଅଗ୍ନିଶମ କର୍ମଚାରୀଙ୍କୁ ପୋଲିସ ଭଳି ଦରମା ଓ ଭତ୍ତା ପ୍ରଦାନ, ସଂଘକୁ ତୁରନ୍ତ ସରକାରୀ ପଞ୍ଜୀକରଣ ଭୁକ୍ତ କରିବା, ଚୁକ୍ତି ଭିତ୍ତିକ କର୍ମଚାରୀମାନଙ୍କୁ ନିୟମିତ କରିବା ସହିତ ନିଜ ଜିଲା ତଥା ଆବଶ୍ୟକ ସ୍ଥଳେ ନିକଟସ୍ଥ ଜିଲାରେ ନିଯୁକ୍ତ କରିବା, ଅବସର ଗ୍ରହଣ କରିଥିବା କର୍ମଚାରୀମାନଙ୍କୁ ତୁରନ୍ତ ପେନ୍‌ସନ ଓ ଅବସର କାଳୀନ ପ୍ରାପ୍ୟ ପ୍ରଦାନ, ୮ ଘଣ୍ଟା ଡ୍ୟୁଟି ଓ ଖାଲି ପଦବୀ ପୂରଣ ଆଦି ଦାବି ନେଇ କର୍ମଚାରୀମାନେ ଧାରଣାରେ ବସିଛନ୍ତି। ଦୀର୍ଘଦିନ ଧରି ରାଜ୍ୟ ସରକାର ଦାବିଗୁଡ଼ିକୁ ଅଣଦେଖା କରୁଥିବା ପ୍ରତିବାଦରେ ଏହି ଆନ୍ଦୋଳନ ଆରମ୍ଭ ହୋଇଛି ବୋଲି କର୍ମଚାରୀମାନେ ପ୍ରକାଶ କରିଛନ୍ତି। ସେହିପରି ତାଳଚେର, ଛେଣ୍ଡିପଦା,ବଣଁରପାଳ ଅଗ୍ନିଶମ ବିଭାଗ କର୍ମଚାରୀମାନେ ନିଜ ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି।

## ବହୁଜନ ସମାଜ ପାର୍ଟି କର୍ମୀ ସମ୍ମିଳନୀ

**ତାଳଚେର, ୨୪।୯(ନି.ପ୍ର.)**

ତାଳଚେର ପ୍ରେସ୍ କ୍ଲବ ପରିସରରେ ରବିବାର ତାଳଚେର ନିର୍ବାଚନ ମଣ୍ଡଳୀ ବହୁଜନ ସମାଜ ପାର୍ଟିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲା ସଭାପତି ପ୍ରମୋଦ ଚନ୍ଦ୍ର ନାଏକ ଏଥିରେ ସଭାପତିତ୍ୱ କରିଥିଲେ। ଦଳୀୟ ସଙ୍ଗଠନ ମଜଭୁତ କରିବା, ଦଳର ସୁପ୍ରିମୋ ମାୟାବତୀଙ୍କ ଆଭିମୁଖ୍ୟ ଏବଂ କାର୍ଯ୍ୟପନ୍ଥାକୁ ଘରେ ଘରେ ପହଞ୍ଚାଇବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ସାଧାରଣ ସମ୍ପାଦକ ବ୍ରଜେନ୍ଦ୍ର ମଲ୍ଲିକ, କୋଅର୍ଡିନେଟର ନାରାୟଣ ସେଠୀ, ଜିଲା ପୂର୍ବତନ ସଭାପତି ତଥା ପ୍ରଭାରୀ ଉଛନ ପଟ୍ଟନାୟକ, ପୂର୍ବତନ ଉପସଭାପତି ଜନ୍ମେଶ୍ୱର ପଟନାୟକ, ଧର୍ମାନନ୍ଦ ଓଝା ପ୍ରମୁଖ ଯୋଗ ଦେଇଥିଲେ। ପରେ ଏକ ବିଧାନସଭା କମିଟି ଗଠନ କରାଯାଇଥିଲା।

## ଟ୍ରକ୍ ଧକ୍କାରେ ଜଣେ ଗୁରୁତର

**ବଣଁରପାଳ, ୨୪।୯(ଡି.ଏନ.ଏ.)**

ବଣଁରପାଳ ଥାନା ୫୫ ନମ୍ବର ଜାତୀୟ ରାଜପଥର ବନ୍ଧା ଛକଠାରେ ଏକ ଟ୍ରକ୍ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ଜଣାପଡିନାହିଁ। ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ ନାଲ୍‌କୋରୁ ବଣଁରପାଳ ଆଡକୁ ବାଇକ୍‌ରେ ଯାଉଥିବାବେଳେ ଅପରପାର୍ଶ୍ୱରୁ ଆସୁଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।


**ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, ବାଲେଶ୍ୱର**

ବିଜ୍ଞାପନ ନଂ. ୭୧୦ ତା: ୨୪।୦୯।୨୦୧୮

**ଟେଣ୍ଡର ନୋଟିସ**

ଆସନ୍ତା ସାଧାରଣ ନିର୍ବାଚନ-୨୦୧୯ ନିମନ୍ତେ ଅଭିଜ୍ଞ ରେଜେଷ୍ଟ୍ରିଭୁକ୍ତ ଫାର୍ମ/ଏଜେନ୍ସିଠାରୁ ଭିଡିଓଗ୍ରାଫି, ସିସିଟିଭି ଏବଂ ୱେବ୍‌କାଷ୍ଟିଂ କାର୍ଯ୍ୟ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଛି। ଉକ୍ତ କାର୍ଯ୍ୟ ସମ୍ପର୍କରେ ସମସ୍ତ ଆବଶ୍ୟକ କାଗଜାତ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, ବାଲେଶ୍ୱର ଜିଲ୍ଲା ଏନ୍.ଆଇ.ସି. ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯାଇଅଛି। ଉକ୍ତ ଜଉମୁଦ ଟେଣ୍ଡର ପେପର ଆସନ୍ତା ତା୦୧।୧୦।୨୦୧୮ରିଖ ଦିବା ୨ଘଟିକା ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଗ୍ରହଣ କରାଯାଇ ଅପରାହ୍ନ ୪ଘଟିକାରେ ଜଉମୁଦ ଖୋଲାଯିବ।

ସ୍ୱା./- ଅତିରିକ୍ତ ଜିଲ୍ଲାପାଳ-ତଥା-
ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ, ବାଲେଶ୍ୱର



**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର, ବି/୨ ପଶ୍ଚିମ, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭,
ଫୋନ୍ ନଂ.- ୦୬୭୪-୨୫୪୦୦୩୨, ଇ-ମେଲ୍: 0815ro@iobnet.co.in, 0815law@iob.in

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ପାଇଁ ସର୍ବସାଧାରଣ ବିଜ୍ଞପ୍ତି**
**ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ,୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ**

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ହିସାବରେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁଯାୟୀ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଧାରା ୧୩(୪)ରେ ପ୍ରଦତ୍ତ କ୍ଷମତା ବଳରେ ଆମ ଶାଖାର ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କଦେୟ ସହିତ ସୁଧ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ"** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି । ଯେହେତୁ ଋଣଗ୍ରହୀତାମାନେ ଦେୟ ଓ ନିମ୍ନରେ ଦର୍ଶାଯାଇଥିବା ସୁଧ ପରିଶୋଧ କରିବାରେ ବିଫଳ ହୋଇଛନ୍ତି, ନିମ୍ନ ସ୍ୱାକ୍ଷରକାରୀ କଥିତ ଆଇନର ଧାରା ୧୩(୪)ରେ ଦିଆଯାଇଥିବା କ୍ଷମତା ପ୍ରୟୋଗକରି ନିମ୍ନରେ ଦର୍ଶିତ ସମ୍ପତ୍ତିକୁ ବିକ୍ରୟ କରି ବ୍ୟାଙ୍କର ଦେୟ ଆଦାୟ କରିବାକୁ ସ୍ଥିର କରିଛନ୍ତି।

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ |
|---|---|---|
| ୧. | **କଟକ ଶାଖା, ଫୋନ୍: ୦୬୭୧-୨୩୦୪୪୬୯ /** **ଋଣଗ୍ରହୀତା/ବନ୍ଧକଦାତାମାନେ: ୧) ମେସର୍ସ ରାଇଟ୍ ଚଏସ୍, ସ୍ୱତ୍ୱାଧିକାରୀ: ମହମ୍ମଦ ଓ୍ୱକିଲ,** ପିତା: ମହମ୍ମଦ ମୁସାଲିମ୍, **୨) ମହମ୍ମଦ ଓ୍ୱକିଲ,** ପିତା: ମହମ୍ମଦ ମୁସାଲିମ୍, **୩) ସଦାତୁନ୍ ନିଶା (ଜାମିନ୍ଦାର),** ସ୍ୱାମୀ: ମହମ୍ମଦ ଓ୍ୱକିଲ, ସା: ପିଠାପୁର, ବକ୍ସି ବଜାର, କଟକ-୭୫୩୦୦୧, **ବାସସ୍ଥାନ ଠିକଣା-** ପ୍ଲଟ୍ ନଂ.: ୨୦୮୩, ୟୁନିଟ୍ ନଂ.-୩୦, ଲକ୍ଷ୍ମୀସାଗର ନଂ.: ୧, କଳ୍ପନା ସ୍କୋୟାର, ଭୁବନେଶ୍ୱର-୭୫୧୦୦୪ | **ମହମ୍ମଦ ଓ୍ୱକିଲ ଏବଂ ସଦାତୁନ୍ ନିଶାଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭୁବନେଶ୍ୱର ସହର, ୟୁନିଟ୍ ନଂ.-୩୦, ଲକ୍ଷ୍ମୀସାଗର ନଂ.: ୧, ଥାନା ନଂ.: ୫୨, ତହସିଲ ନଂ.: ୨୫୧/୪୮୪, ଜିଲ୍ଲା: ଖୋର୍ଦ୍ଧା, ଡିଏସଆର୍: ଖୋର୍ଦ୍ଧା, ପ୍ଲଟ୍ ନଂ.: ୨୦୮୩, ହାଲ ଖାତା ନଂ.: ୧୧୨୭, ଅନୁରୂପ ମ୍ୟୁଟେସନ ଖାତା ନଂ.: ୧୫୯୩/୧୭୪୪, ମ୍ୟୁଟେସନ ପ୍ଲଟ୍ ନଂ.: ୨୦୮୩, କ୍ଷେତ୍ର: ଏକର୦.୧୩୩ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ.: ୨୧୦୯ ଏବଂ ୨୧୧୦, ଦକ୍ଷିଣ: ସରକାରୀ ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୨୦୮୧ ଏବଂ ୨୦୮୨, ପଶ୍ଚିମ: ପ୍ଲଟ୍ ନଂ.: ୨୦୮୪ |
| ୨. | **କଟକ ଶାଖା, ଫୋନ୍: ୦୬୭୧-୨୩୦୪୪୬୯ /** **ଋଣଗ୍ରହୀତା ଏବଂ ବନ୍ଧକଦାତା: ମେସର୍ସ ଗୀତା ଏଜେନ୍ସିଜ୍, ସ୍ୱତ୍ୱାଧିକାରୀ: ଶ୍ରୀ ଦାଶରଥି ଜେନା,** ପିତା: ଶ୍ରୀ ଖଲି ଜେନା, ଓ୍ୱାର୍ଡ ନଂ.: ୧୮, ହାଉସ୍ ନଂ.: ୬୩୧/ଏ, ଦୋଳମୁଣ୍ଡେଇ, ହୋଟେଲ ଆକବରି ସାମନା, ହରିପୁର ରୋଡ୍, କଟକ, **ବାସସ୍ଥାନ ଠିକଣା-** ବାଦାମବାଡ଼ି ୟୁନିଟ୍-୩୭, ଥାନା: ମଧୁପାଟଣା, କଟକ | **ଶ୍ରୀ ଦାଶରଥି ଜେନାଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବାଦାମବାଡ଼ି (ୟୁନିଟ୍-୩୭), ଥାନା: ମଧୁପାଟଣା, ତହସିଲ: କଟକ ସଦର, ଜିଲ୍ଲା: କଟକ, ଓଡ଼ିଶା, ପ୍ଲଟ୍ ନଂ.: ୩୧୫, ଖାତା ନଂ.: ୫୩୫/୨୩୫, ମ୍ୟୁଟେସନ ଖାତା ନଂ.: ୧୯୯, କ୍ଷେତ୍ର: ଏକର୦.୦୮୮ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୩୧୬, ପୂର୍ବ: ପ୍ଲଟ୍ ନଂ.: ୩୧୪, ପଶ୍ଚିମ: ପ୍ଲଟ୍ ନଂ.: ୩୧୨ (ରାସ୍ତା) |
| ୩. | **କଟକ ଶାଖା / ଫୋନ୍: ୦୬୭୧-୨୩୦୪୪୬୯ /** **ଋଣଗ୍ରହୀତା: ମେସର୍ସ ଏସ୍ଆର୍ ବ୍ରିକ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ସୁବାଷ ଚନ୍ଦ୍ର ରାଉତ,** ପିତା: ଶ୍ରୀ ଶ୍ରୀଧର ରାଉତ, ଇମାମ ନଗର, ପୋ: ଭୈରପୁର, ଥାନା: ଜଗତପୁର, କଟକ-୭୫୪୨୦୦ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର: **(କ) ଶ୍ରୀ ସୁବାଷ ଚନ୍ଦ୍ର ରାଉତଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ଇମାମ ନଗର, ତହସିଲ: ସାଲେପୁର ନଂ. ୫୨, ଥାନା: ସାଲେପୁର ନଂ. ୨, ଜିଲ୍ଲା: କଟକ, ଏସ୍ଆରଓ: ସାଲେପୁର, ପ୍ଲଟ୍ ନଂ.: ୫୦୧, ଖାତା ନଂ.: ୪୦୩/୧୮୯, କ୍ଷେତ୍ର: ଏକର୦.୦୬୦ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ବିଷ୍ଣୁପ୍ରିୟା ପଟ୍ଟନାୟକ, ଦକ୍ଷିଣ: କେନାଲ, ପୂର୍ବ: ପ୍ରଦୀପ୍ତ ଦାସ, ପଶ୍ଚିମ: ନୟନଜୋରୀ, **(ଖ) ଶ୍ରୀ ସୁବାଷ ଚନ୍ଦ୍ର ରାଉତଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ଇମାମ ନଗର, ତହସିଲ: ସାଲେପୁର ନଂ. ୫୨, ଥାନା: ସାଲେପୁର ନଂ. ୨, ଜିଲ୍ଲା: କଟକ, ଏସ୍ଆରଓ: ସାଲେପୁର, ପ୍ଲଟ୍ ନଂ.: ୫୧୦/୧୧୨୩, ଖାତା ନଂ.: ୪୦୩/୩୨୬, କ୍ଷେତ୍ର: ଏକର୦.୧୪୬ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସୁବାଷ ଚନ୍ଦ୍ର ରାଉତ, ଦକ୍ଷିଣ: ସୁବାଷ ଚନ୍ଦ୍ର ରାଉତ, ପୂର୍ବ: ପ୍ରଦୀପ୍ତ ଦାସ, ପଶ୍ଚିମ: କିରଣବାଳା ଦାସ |
| ୪. | **ହରିପୁର ରୋଡ୍ ଶାଖା, ଫୋନ୍: ୦୬୭୧-୨୪୨୩୮୦୯ /** **ଋଣଗ୍ରହୀତା: ମେସର୍ସ ମା ଅନ୍ଧାରୀ ଟ୍ରାନ୍ସପୋର୍ଟ, ସ୍ୱତ୍ୱାଧିକାରୀ: ଶ୍ରୀ ସୁବର୍ଣ୍ଣ କେଶରୀ ଜେନା,** ପିତା: ୰ ଚୈତନ୍ୟ ଚରଣ ଜେନା, ସା: ଅନ୍ଧାରୀ ଠାକୁରାଣୀ ମନ୍ଦିର ନିକଟ, ଜଗତପୁର, କଟକ-୭୫୪୦୨୧ | **ଶ୍ରୀ ସୁବର୍ଣ୍ଣ କେଶରୀ ଜେନାଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୯୫୪, ଖାତା ନଂ.: ୬୮୪, କ୍ଷେତ୍ର: ଏକର୦.୨୦ଡିସିମିଲି, ପ୍ଲଟ୍ ନଂ.: ୯୨୨, ଖାତା ନଂ.: ୬୮୫, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ପ୍ଲଟ୍ ନଂ.: ୯୨୦/୯୨୩, ଖାତା ନଂ.: ୯୦୨, କ୍ଷେତ୍ର: ଏକର୦.୦୨୦+୦.୦୧୦ଡିସିମିଲି, ମୌଜା: ନିମପୁର, ଥାନା: ଜଗତପୁର, ତହସିଲ: ଟାଙ୍ଗୀ-ଚୌଦ୍ୱାର, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ- ପୂର୍ବ/ଉତ୍ତର: ରାସ୍ତା, ପଶ୍ଚିମ: ହାଡ଼ିବନ୍ଧୁ ସାହୁ, ଦକ୍ଷିଣ: ରାମ ଚନ୍ଦ୍ର ବେହେରା |
| ୫. | **ହରିପୁର ରୋଡ୍ ଶାଖା, ଫୋନ୍: ୦୬୭୧-୨୪୨୩୮୦୯ /** **ଋଣଗ୍ରହୀତା/ଜାମିନ୍ଦାର/ବନ୍ଧକଦାତା: ଶ୍ରୀମତୀ ସ୍ନେହଲତା ବେହେରା** ଏବଂ **ଋଣଗ୍ରହୀତା/ଜାମିନ୍ଦାର: ଶ୍ରୀ ତପନ କୁମାର ବେହେରା,** ଉଭୟଙ୍କ ଠିକଣା- ସା/ପୋ: ମଙ୍ଗଳାବାଗ, ଦୁର୍ଗା ମନ୍ଦିର ନିକଟ, ଜିଲ୍ଲା: କଟକ, ଓଡ଼ିଶା, ପିନ୍- ୭୫୩୦୦୧ | **ଶ୍ରୀମତୀ ସ୍ନେହଲତା ବେହେରାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୧-୨ଇ/୭୨୯, ଖାତା ନଂ.: ୩୭୦/୫୬୮, କ୍ଷେତ୍ର: ୧୦୮୦ ବର୍ଗଫୁଟ, ମୌଜା: ମର୍କତ ନଗର, ଥାନା: ମର୍କତ ନଗରା, ଜିଲ୍ଲା: କଟକ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ- ଉତ୍ତର: ୬ ମିଟର ଚଉଡ଼ା ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୨ଇ/୭୩୦, ପୂର୍ବ: ୯ ମିଟର ଚଉଡ଼ା ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୨ଇ/୭୨୮ |
| ୬. | **ହରିପୁର ରୋଡ୍ ଶାଖା, ଫୋନ୍: ୦୬୭୧-୨୪୨୩୮୦୯ /** **ଋଣଗ୍ରହୀତା: ଶ୍ରୀ କେଷ୍ଟୋ ଖଟୁଆ,** ପିତା: ସୁଶିଲ ଖଟୁଆ, **ଜାମିନ୍ଦାର/ବନ୍ଧକଦାତା: ଶ୍ରୀମତୀ ଅନିମା ଖଟୁଆ,** ସ୍ୱାମୀ: କେଷ୍ଟୋ ଖଟୁଆ, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୨୪୬୭/୩୩୯୭, ପୁରୁଣା ରାଉସପାଟଣା, ପୋ: ବକ୍ସି ବଜାର, ଜିଲ୍ଲା: କଟକ, ପିନ୍-୭୫୩୦୦୧, ଓଡ଼ିଶା ଏବଂ **ଜାମିନ୍ଦାର: ଶ୍ରୀମତୀ ବାସନ୍ତି ସେନ୍,** ସା: ପ୍ଲଟ୍ ନଂ.: ୩୫୬/୩୭୪୬ ଏବଂ ୩୫୬/୩୪୦୪, ପୁରୁଣା ରାଉସପାଟଣା, ପୋ: ବକ୍ସି ବଜାର, ଥାନା: ପୁରୀଘାଟ, ଜିଲ୍ଲା: କଟକ, ଓଡ଼ିଶା | **ଶ୍ରୀମତୀ ଅନିମା ଖଟୁଆଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସାମନ୍ତ ସାହି (ୟୁନିଟ୍-୨୩), ଥାନା: ପୁରୀ ଘାଟ, ଜିଲ୍ଲା: କଟକ, ପ୍ଲଟ୍ ନଂ.: ୨୪୬୭/୩୩୯୭, ଖାତା ନଂ.: ୧୨୦୫/୮୧୭, କଟକ ସହର, କ୍ଷେତ୍ର: ଏକର୦.୦୦୮ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ପ୍ଲଟ୍ ନଂ.: ୨୪୬୭/୩୩୯୭ର ବିକ୍ରି ହୋଇଥିବା ଅଂଶ, ପଶ୍ଚିମ: ପ୍ଲଟ୍ ନଂ.: ୨୫୩, ଉତ୍ତର: ପ୍ଲଟ୍ ନଂ.: ୨୪୫, ଦକ୍ଷିଣ: ପ୍ଲଟ୍ ନଂ.: ୨୪୬୭/୩୩୯୭ର ବିକ୍ରି ହୋଇଥିବା ଅଂଶ |
| ୭. | **କଟକ ଶାଖା, ଫୋନ୍: ୦୬୭୧-୨୩୦୪୪୬୯ /** **ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍ଦାର: ଶ୍ରୀ ଚକ୍ରଧର ନାୟକ,** ପିତା: ହରେକୃଷ୍ଣ ନାୟକ, **ଋଣଗ୍ରହୀତା/ଜାମିନ୍ଦାର: ଶ୍ରୀମତୀ ପ୍ରମିଳା ନାୟକ,** ସ୍ୱାମୀ: ଚକ୍ରଧର ନାୟକ, ଉଭୟଙ୍କ ଠିକଣା- ସା: ବାଟବୁଢ଼ୀ କଲୋନୀ (କେଦାରଶ୍ୱର), ପୋ: ଆଗ୍ରାହାଟ, ଚୌଦ୍ୱାର, ଜିଲ୍ଲା: କଟକ, ପିନ୍-୭୫୪୦୨୮, ଓଡ଼ିଶା | **ଶ୍ରୀ ଚକ୍ରଧର ନାୟକ,** ପିତା: ହରେକୃଷ୍ଣ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୩/୭୬୧, ଖାତା ନଂ.: ୧୩୭, ମୌଜା: କେଦାରଶ୍ୱର, ଥାନା: ଚୌଦ୍ୱାର, ଥାନା ନଂ.-୫୨, ଏସ୍ଆରଓ: ଜଗତପୁର, ତହସିଲ: ଟାଙ୍ଗୀ-ଚୌଦ୍ୱାର, ତହସିଲ ନଂ.-୬୨, ଜିଲ୍ଲା: କଟକ, ଅନୁରୂପ ମ୍ୟୁଟେସନ ଖାତା ନଂ.: ୧୬୫/୨୪୭, ପ୍ଲଟ୍ ନଂ.: ୩୩/୭୬୧/୯୭୫, କ୍ଷେତ୍ର: ଏକର୦.୦୬୦ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ସବ୍ ପ୍ଲଟ୍ ନଂ.: ୪, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୨, ଉତ୍ତର: ରାସ୍ତା, ଦକ୍ଷିଣ: ପ୍ରକାଶ ପଣ୍ଡା |
| ୮. | **କଟକ ଶାଖା, ଫୋନ୍: ୦୬୭୧-୨୩୦୪୪୬୯ /** **ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍ଦାର: ଶ୍ରୀ ସୁଶିଲ କୁମାର ପଣ୍ଡା,** ପିତା: ଭାବଗ୍ରାହୀ ପଣ୍ଡା, ପ୍ଲଟ୍ ନଂ.: ୩୩୫୮/୬୩୩୯, ନିମପୁର, ଜଗତପୁର, ଜିଲ୍ଲା: କଟକ, ପିନ୍-୭୫୪୦୨୧, ଓଡ଼ିଶା, **ସପ୍ ଠିକଣା-** ମେସର୍ସ କୃଷ୍ଣେଶ୍ୱର ଭେରାଇଟ୍ ଷ୍ଟୋର, ଷ୍ଟେସନ୍ ବଜାର, ହନୁମାନ ମନ୍ଦିର ନିକଟ, ଜଗତପୁର, କଟକ- ୭୫୪୦୨୧ | **ଶ୍ରୀ ସୁଶିଲ କୁମାର ପଣ୍ଡା,** ପିତା: ଭାବଗ୍ରାହୀ ପଣ୍ଡାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୩୫୮/୬୩୩୯, ମ୍ୟୁଟେଟେଡ୍ ଖାତା ନଂ.: ୭୭୨/୧୭୫୭, ମୌଜା: ନିମପୁର, ଥାନା: ଚୌଦ୍ୱାର, ଥାନା ନଂ.-୭୧, ଏସ୍ଆରଓ: ଜଗତପୁର, ତହସିଲ: ଟାଙ୍ଗୀ-ଚୌଦ୍ୱାର, ତହସିଲ ନଂ.-୧୬୭, ଜିଲ୍ଲା: କଟକ, ଅନୁରୂପ ହାଲ ସେଟେଲମେଣ୍ଟ ଖାତା ନଂ.: ୧୪୪, ପ୍ଲଟ୍ ନଂ.: ୩୩୫୮, କ୍ଷେତ୍ର: ଏକର୦.୧୯ଡିସିମିଲିରୁ ଏକର୦.୦୪ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ବଳଦେବ ପଣ୍ଡା, ପଶ୍ଚିମ: କୁଞ୍ଜବିହାରୀ ପଣ୍ଡା, ଉତ୍ତର: ଭାବଗ୍ରାହୀ ପଣ୍ଡା (ବିକ୍ରେତା), ଦକ୍ଷିଣ: କେଶବ ଚନ୍ଦ୍ର ପଣ୍ଡା |
| ୯. | **କେନ୍ଦୁଝର ଶାଖା, ଫୋନ୍: ୦୬୭୬୬-୨୫୫୭୬୬ /** **ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍ଦାର: ଶ୍ରୀ ଅରବିନ୍ଦ ପଟ୍ଟନାୟକ,** ପିତା: ସତୀଶ କୁମାର ପଟ୍ଟନାୟକ ଏବଂ **ଜାମିନ୍ଦାର: ଶ୍ରୀ ଜଗନ୍ନାଥ ଦେହୁରୀ,** ପିତା: ପ୍ରାଣବନ୍ଧୁ ଦେହୁରୀ, ଉଭୟଙ୍କ ଠିକଣା- ସା/ପୋ: କାଳିକାପ୍ରସାଦ, ଭାୟା: ରିମୁଲି, ଜିଲ୍ଲା: କେନ୍ଦୁଝର, ଓଡ଼ିଶା, ପିନ୍-୭୫୮୦୪୭ | **ଶ୍ରୀ ଅରବିନ୍ଦ ପଟ୍ଟନାୟକଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କାଳିକାପ୍ରସାଦ, ଥାନା: ଚମ୍ପୁଆ, ପୋ: କାଳିକା ପ୍ରସାଦ, ଜିଲ୍ଲା: କେନ୍ଦୁଝର, ଖାତା ନଂ.: ୩୨୦/୨୬୯, ପ୍ଲଟ୍ ନଂ.: ୧୫୫୮/୩୨୧୦, କ୍ଷେତ୍ର: ଏକର୦.୦୭୦ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ବଂଶୀଧର ପଣ୍ଡା, ପଶ୍ଚିମ: ନିଜ, ଉତ୍ତର: ଗ୍ରାମ ରାସ୍ତା, ଦକ୍ଷିଣ: ବିଦ୍ୟାଳୟ |
| ୧୦. | **ବେଗୁନିଆ ଶାଖା, ଫୋନ୍: ୦୬୭୫୮-୨୫୭୨୨୨ /** **ଋଣଗ୍ରହୀତା/ବନ୍ଧକଦାତାମାନେ: ୧) ଶ୍ରୀ ପ୍ରଫୁଲ୍ଲ କୁମାର ନାୟକ, ୨) ଶ୍ରୀ ପ୍ରସନ୍ନ କୁମାର ନାୟକ,** ଉଭୟଙ୍କ ଠିକଣା- ସା/ପୋ: ଏରବଙ୍ଗ, ଗୋପ, ଜିଲ୍ଲା: ପୁରୀ, ପିନ୍- ୭୫୨୧୧୦, ଓଡ଼ିଶା | **ଶ୍ରୀ ପ୍ରଫୁଲ୍ଲ କୁମାର ନାୟକ ଏବଂ ଶ୍ରୀ ପ୍ରସନ୍ନ କୁମାର ନାୟକଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଏରବଙ୍ଗ, ଥାନା: ଗୋପ, ଜିଲ୍ଲା: ପୁରୀ, ଖାତା ନଂ.: ୨୦୪୮/୨୦୬, ପ୍ଲଟ୍ ନଂ.: ୮୯୭୨, କ୍ଷେତ୍ର: ଏକର୦.୩୧୦ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ନଟବର ମହାନ୍ତି, ପଶ୍ଚିମ: ବାଳକୃଷ୍ଣ ମହାନ୍ତିଙ୍କ ସମ୍ପତ୍ତି, ଉତ୍ତର: ଲକ୍ଷ୍ମୀଧର ଜେନାଙ୍କ ସମ୍ପତ୍ତି, ଦକ୍ଷିଣ: କେନାଲ ରାସ୍ତା |
| ୧୧. | **କନ୍ତୋଳ ଶାଖା, ଫୋନ୍: ୦୬୭୨୩-୨୨୦୨୬୮ /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ଗୁଣନିଧି ସାହୁ,** ପିତା: ପଠାଣୀ ସାହୁ, ସା: ଦୋରଡ, ଅଲେଖ ମନ୍ଦିର ନିକଟ, ପୋ: ଆଠଗଡ, ଜିଲ୍ଲା: କଟକ, ଓଡ଼ିଶା | **ଶ୍ରୀ ଗୁଣନିଧି ସାହୁଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଦୋରଡ, ଥାନା: ଆଠଗଡ, ଖାତା ନଂ.: ୧୬୪/୨୮୮, ପ୍ଲଟ୍ ନଂ.: ୮୧୯, ୮୨୦, ୮୧୫/୧୦୫୦, କ୍ଷେତ୍ର: ଏକର୦.୨୪ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ନାଳ, ପଶ୍ଚିମ: ରାସ୍ତା, ଉତ୍ତର: ପ୍ଲଟ୍‌ର ଅବଶିଷ୍ଟ ଅଂଶ, ଦକ୍ଷିଣ: ଫକୀର ବେହେରାଙ୍କ ନାମରେ ଥିବା ପ୍ଲଟ୍ |
| ୧୨. | **ମୁଲିସିଂହ ସହରହାଟ ଶାଖା, ଫୋନ୍: ୦୬୭୨୨-୨୪୩୩୧୧ /** **ଋଣଗ୍ରହୀତା / ବନ୍ଧକଦାତା: ଶ୍ରୀ କୈଳାଶ ଚରଣ ସାସମଲ,** ସା: ବିରିତୋଳ, ପୋ: ରସୁଲପୁର, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା | **ଶ୍ରୀ କୈଳାଶ ଚରଣ ସାସମଲଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୯୬, ୩୯୭/୪୯୬, ୩୯୮/୪୯୭, ଖାତା ନଂ.: ୧୧୮/୧୨, ମୌଜା: ସଙ୍କେତ ପାଟଣା, ଥାନା: ତିର୍ତ୍ତୋଲ, ତହସିଲ: ତିର୍ତ୍ତୋଲ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, **ସମୁଦାୟ କ୍ଷେତ୍ର: ଏକର୦.୦୮ଡିସିମିଲି,** ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ସୁଶାନ୍ତ ପରିଡ଼ା, ପୂର୍ବ: ସୁଶାନ୍ତ ପରିଡ଼ା, ପଶ୍ଚିମ: ନରେନ ଜେନା |
| ୧୩. | **ବ୍ରହ୍ମଗିରି ଶାଖା, ଫୋନ୍: ୦୬୭୫୨-୨୩୫୫୪୩ / ଋଣଗ୍ରହୀତା/ବନ୍ଧକଦାତା: ମେସର୍ସ ସୋନାଲି ହୋଟେଲ, ସ୍ୱତ୍ୱାଧିକାରୀ: ଶ୍ରୀ ପ୍ରଫୁଲ୍ଲ ପଣ୍ଡା ଏବଂ ଜାମିନ୍ଦାର/ବନ୍ଧକଦାତାମାନେ: ୧) ଶାନ୍ତିଲତା ମିଶ୍ର, ୨) କନକଲତା ମିଶ୍ର, ୩) ଲକ୍ଷ୍ମୀ ପଣ୍ଡା, ୪) ପ୍ରମୋଦ ପଣ୍ଡା, ୫) ଅମୂଲ୍ୟ ପଣ୍ଡା, ୬) ପି. ପଣ୍ଡା, ୭) ସୁଧିର କୁମାର ପଣ୍ଡା,** ସମସ୍ତଙ୍କ ଠିକଣା- ସା: ଗୋପ ଛକ, ଅଲାରପୁର, ପୋ: ବ୍ରହ୍ମଗିରି, ଜିଲ୍ଲା: ପୁରୀ, ଓଡ଼ିଶା | **ଶ୍ରୀ ଗୁଣ୍ଡୁଚି ପଣ୍ଡାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଲାରପୁର, ଥାନା: ବ୍ରହ୍ମଗିରି, ଜିଲ୍ଲା: ପୁରୀ, ଖାତା ନଂ.: ୯୦, ପ୍ଲଟ୍ ନଂ.: ୨୫୭, କ୍ଷେତ୍ର: ଏକର୦.୧୧ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ରବି ପଣ୍ଡା, ପଶ୍ଚିମ: ବଳନିଧି ପଣ୍ଡା, ଉତ୍ତର: ରାସ୍ତା, ଦକ୍ଷିଣ: ସରକାରୀ ଜମି |

| କ୍ର. ନଂ. | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ସମ୍ପତ୍ତି କାଗଜ ପତ୍ର ତନଖିର ତାରିଖ | କ୍ଷମତାପ୍ରାପ୍ତ ଅଧିକାରୀ/ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମାର ପ୍ରମାଣ ଏବଂ ବିଡ୍/କେଓ୍ୱାଇସି କାଗଜପତ୍ର, ଅଂଶଗ୍ରହଣ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|---|---|---|
| ୧. | ଟ.୨,୩୭,୯୮,୦୦୦/- | ଟ.୨୩,୭୯,୮୦୦/- | ଟ.୧,୨୬,୩୧,୨୮୫/- + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ | ୧୬.୧୧.୨୦୧୭ /୦୧.୦୨.୨୦୧୮ | ୧୦.୧୦.୨୦୧୮ | ୧୨.୧୦.୨୦୧୮ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | ୧୫.୧୦.୨୦୧୮ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ (ବିକ୍ରୟ ସମାପ୍ତ ହେବା ଯାଏଁ ପ୍ରତି ଥର ପାଇଁ ୫ ମିନିଟ୍‌ର ଅସୀମ ସ୍ୱତଃ ବର୍ଦ୍ଧିତ ସମୟ ସହିତ) |
| ୨. | ଟ.୧,୮୦,୮୧,୦୦୦/- | ଟ.୧୮,୦୮,୧୦୦/- | ଟ.୭୪,୪୦,୪୯୧/- + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ | ୦୮.୦୮.୨୦୧୬/ ୦୧.୦୨.୨୦୧୮ | ୧୦.୧୦.୨୦୧୮ | ୧୨.୧୦.୨୦୧୮ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | |
| ୩. (କ+ଖ) | ଟ.୫୪,୯୩,୦୦୦/- | ଟ.୫,୪୯,୩୦୦/- | ଟ.୩୧,୮୪,୭୮୪/- + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ | ୦୮.୧୨.୨୦୧୭ / ୧୬.୦୩.୨୦୧୮ | ୧୦.୧୦.୨୦୧୮ | ୧୨.୧୦.୨୦୧୮ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | |
| ୪. | ଟ.୬୫,୬୫,୭୦୦/- | ଟ.୬,୫୬,୫୭୦/- | ଟ.୪୨,୬୨,୩୯୫/-+ ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ | ୦୮.୦୩.୨୦୧୬ / ୨୦.୦୮.୨୦୧୬ | ୧୦.୧୦.୨୦୧୮ | ୧୨.୧୦.୨୦୧୮ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | |
| ୫. | ଟ.୩୭,୫୦,୦୦୦/- | ଟ.୩,୭୫,୦୦୦/- | ଟ.୧୮,୦୮,୨୦୭/- + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ | ୧୫.୦୭.୨୦୧୭/ ୦୨.୦୨.୨୦୧୮ | ୨୪.୧୦.୨୦୧୮ | ୨୬.୧୦.୨୦୧୮ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | ୨୯.୧୦.୨୦୧୮ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ (ବିକ୍ରୟ ସମାପ୍ତ ହେବା ଯାଏଁ ପ୍ରତି ଥର ପାଇଁ ୫ ମିନିଟ୍‌ର ଅସୀମ ସ୍ୱତଃ ବର୍ଦ୍ଧିତ ସମୟ ସହିତ) |
| ୬. | ଟ.୨୩,୯୦,୦୦୦/- | ଟ.୨,୩୯,୦୦୦/- | ଟ.୧୮,୦୬,୬୭୦/- + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ | ୦୯.୦୧.୨୦୧୮/ ୧୦.୦୫.୨୦୧୮ | ୨୪.୧୦.୨୦୧୮ | ୨୬.୧୦.୨୦୧୮ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | |
| ୭. | ଟ.୪୪,୦୦,୦୦୦/- | ଟ.୪,୪୦,୦୦୦/- | ଟ.୨୮,୭୨,୨୫୨.୧୬+ ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ | ୧୧.୦୬.୨୦୧୮/ ୧୮.୦୮.୨୦୧୮ | ୨୪.୧୦.୨୦୧୮ | ୨୬.୧୦.୨୦୧୮ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | |
| ୮. | ଟ.୨୪,୨୩,୦୦୦/- | ଟ.୨,୪୨,୩୦୦/- | ଟ.୨୧,୭୮,୩୬୫/- + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ | ୧୧.୦୬.୨୦୧୮/ ୧୮.୦୮.୨୦୧୮ | ୨୪.୧୦.୨୦୧୮ | ୨୬.୧୦.୨୦୧୮ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | |
| ୯. | ଟ.୧୯,୯୯,୦୦୦/- | ଟ.୧,୯୯,୯୦୦/- | ଟ.୮,୨୧,୫୪୮/- + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ | ୧୨.୦୬.୨୦୧୮/ ୧୮.୦୮.୨୦୧୮ | ୨୪.୧୦.୨୦୧୮ | ୨୬.୧୦.୨୦୧୮ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | |
| ୧୦. | ଟ.୨୨,୫୭,୦୦୦/- | ଟ.୨,୨୫,୭୦୦/- | ଟ.୩,୩୬,୬୮୧.୮୪ + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ | ୦୯.୦୧.୨୦୧୮/ ୦୯.୦୫.୨୦୧୮ | ୨୪.୧୦.୨୦୧୮ | ୨୬.୧୦.୨୦୧୮ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | |
| ୧୧. | ଟ.୨୪,୦୦,୦୦୦/- | ଟ.୨,୪୦,୦୦୦/- | ଟ.୯,୮୭,୫୩୨.୯୭ + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ | ୦୯.୦୧.୨୦୧୮/ ୦୮.୦୫.୨୦୧୮ | ୨୪.୧୦.୨୦୧୮ | ୨୬.୧୦.୨୦୧୮ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | |
| ୧୨. | ଟ.୭,୩୬,୦୦୦/- | ଟ.୭୩,୬୦୦/- | ଟ.୩,୦୫,୨୯୬/- + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ | ୦୬.୧୦.୨୦୧୭/ ୧୭.୦୩.୨୦୧୮ | ୨୪.୧୦.୨୦୧୮ | ୨୬.୧୦.୨୦୧୮ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | |
| ୧୩. | ଟ.୨୧,୭୦,୦୦୦/- | ଟ.୨,୧୭,୦୦୦/- | ଟ.୧୦,୯୩,୫୫୯/- + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ | ୧୨.୧୨.୨୦୧୭/ ୧୭.୦୩.୨୦୧୮ | ୨୪.୧୦.୨୦୧୮ | ୨୬.୧୦.୨୦୧୮ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | |

**ନିୟମ ଏବଂ ସର୍ତ୍ତାବଳୀ :**

(୧) ସମ୍ପତ୍ତିଗୁଡିକ ବ୍ୟାଙ୍କ ଅନୁମୋଦିତ ସେବା ପ୍ରଦାନକାରୀ: **M/s e-Procurement Technologies Ltd.**ଙ୍କ ଦ୍ୱାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ। (୨) ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନଲାଇନ ନିଲାମ ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ଆଦି ଇ-ନିଲାମ କାଗଜାତ୍ ୱେବ୍ ପୋର୍ଟାଲ **https://iob.auctiontiger.net** ରେ ଉପଲବ୍ଧ। (୩) ଇଚ୍ଛୁକ ନିଲାମଧାରୀମାନେ ଏକ ବୈଧ ଇମେଲ ଠିକଣା ରଖି, ଉପରୋକ୍ତ ସେବା ପ୍ରଦାନକାରୀଙ୍କର ୱେବ୍‌ସାଇଟରେ ଲଗଇନ୍ କରି ସେମାନଙ୍କର ନାମ/ଆକାଉଣ୍ଟ ପଞ୍ଜୀକରଣ କରିବା ଦରକାର। ସେମାନଙ୍କୁ ସେବାପ୍ରଦାନକାରୀ ୟୁଜର ଆଇଡି ଏବଂ ପାସୱାର୍ଡ ପ୍ରଦାନ କରିବେ ଯାହାକୁ ସେମାନେ ଇ-ନିଲାମ ପ୍ରକ୍ରିୟାରେ ବ୍ୟବହାର କରିପାରିବେ। (୪) ବିଡ୍‌ଗୁଡିକ ଧାର୍ଯ୍ୟ ଫର୍ମାଟରେ "ଅନ୍ ଲାଇନ" ମାଧ୍ୟମରେ ପୋର୍ଟାଲ **https://iob.auctiontiger.net** କିମ୍ବା ବ୍ୟାଙ୍କର ମେଲ୍ ଆଇଡି **0815ro@iobnet.co.in** ଏବଂ **0815law@iob.in**ରେ ଅମାନତ ରାଶି (UTR ନମ୍ବର) ଦାଖଲର ପ୍ରମାଣ ଏବଂ ସ୍ୱହସ୍ତାକ୍ଷରିତ ଥିବା KYC କାଗଜପତ୍ରର ନକଲ ଯଥା: ଫଟୋ, ଭୋଟର ଆଇଡି କାର୍ଡ / ଡ୍ରାଇଭିଂ ଲାଇସେନ୍ସ/ ପାସପୋର୍ଟ / ପ୍ୟାନ୍‌କାର୍ଡ / ଆଧାରକାର୍ଡ ଏବଂ ଠିକଣା ପ୍ରମାଣପତ୍ର ଇତ୍ୟାଦି ସେବାପ୍ରଦାନକାରୀ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରେ କିମ୍ବା ସମ୍ପୃକ୍ତ ଶାଖାରେ ଉପରଦର୍ଶିତ ବିଡ୍ ଦାଖଲ ତାରିଖ ସୁଦ୍ଧା କିମ୍ବା ପୂର୍ବରୁ ଦାଖଲ କରିବେ। (୫) ଅମାନତ ରାଶି ଏବଂ ଅନ୍ୟାନ୍ୟ ଜମାଗୁଡିକ **EFT/NEFT/RTGS** ମାଧ୍ୟମରେ **"IOB E-Auction EMD Account", ସହୀଦ ନଗର୍ ଶାଖା, ଭୁବନେଶ୍ୱରର ଆକାଉଣ୍ଟ ନଂ. 087302000001058, (IFSC: IOBA0000873)** ସପକ୍ଷରେ ପୈଠ କରାଯିବ ଏବଂ ଅମାନତ ରାଶି ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ। ସଫଳ ନିଲାମଧାରୀ ଦାଖଲ କରିଥିବା ଅମାନତ ରାଶିକୁ ବିକ୍ରୟ ମୂଲ୍ୟରେ ଭରଣା କରାଯିବ। (୬) ଅମାନତ ରାଶି ବିନା ପ୍ରସ୍ତାବଗୁଡିକ ବାତିଲ କରାଯିବ। (୭) ସମ୍ପତ୍ତିଗୁଡ଼ିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀଙ୍କ ମଧ୍ୟରେ ନିଲାମ ଡାକ ଦ୍ୱାରା ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ନିମ୍ନରେ କ୍ଲଜ୍ ନଂ. ୧୯ରେ ଦର୍ଶିତ "ବିଡ୍ ବୃଦ୍ଧି ପରିମାଣ" ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। (୮) ସଫଳ ନିଲାମଧାରୀଙ୍କୁ ସମ୍ପତ୍ତି ବିକ୍ରୟ କରାଯିବ। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସଫଳ ନିଲାମଧାରୀ (କ୍ରେତା) ଘୋଷଣା ହେବାପରେ ସେ ସଙ୍ଗେସଙ୍ଗେ ବିକ୍ରୟ ମୂଲ୍ୟର ୨୫% (ଅମାନତ ରାଶି ଜମାକୁ ମିଶାଇ) ଦାଖଲ କରିବେ ଏବଂ ତାହା ପରବର୍ତ୍ତୀ କାର୍ଯ୍ୟ ଦିବସ ପରେ କିନ୍ତୁ ନୁହେଁ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ଅର୍ଥରାଶି ନିଲାମ ବିକ୍ରୟ ଚୂଡ଼ାନ୍ତ ହେବାର ୧୫ ଦିନ ମଧ୍ୟରେ ପ୍ରଦାନ କରିବାକୁ ହେବ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମସ୍ତ ବିକ୍ରୟ ମୂଲ୍ୟ ପୈଠ ନକଲେ ବିକ୍ରୟ ମୂଲ୍ୟର ୨୫% ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ରେତାଙ୍କ ସମ୍ପତ୍ତି ଉପରେ ସମସ୍ତ ଦାବି ବାଜ୍ୟାପ୍ତି କରାଯିବା ସହିତ ସମ୍ପତ୍ତି ପୁନଃ ବିକ୍ରୟ କରାଯିବ। (୯) ସମସ୍ତ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଟିକସ/ଦେୟ ଯଦି ଥାଏ ତାହା ପ୍ରଦାନ କରିସାରିବା ପରେ କେବଳ ନିଲାମଧାରୀ/କ୍ରେତାଙ୍କ ନାମରେ ବିକ୍ରୟ ସାର୍ଟିଫିକେଟ ପ୍ରଦାନ କରାଯିବ। (୧୦) ନିଲାମଧାରୀ/କ୍ରେତା ଜମି ହସ୍ତାନ୍ତରିତ ଫି ଯଥା: ରେଜିଷ୍ଟ୍ରେସନ ଫିସ୍, ଷ୍ଟାମ୍ପ ଡ୍ୟୁଟି, ଆଇନଗତ ଖର୍ଚ୍ଚ ଇତ୍ୟାଦି ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ତାହା ବହନ କରିବେ। (୧୧) କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ/ବାତିଲ କିମ୍ବା ବିକ୍ରୟକୁ ସ୍ଥଗିତ/ବାତିଲ କରିବାର ଅଖଣ୍ଡ କ୍ଷମତା ରହିଛି। (୧୨) ସମ୍ପତ୍ତିଗୁଡ଼ିକ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରାଯିବ। ବ୍ୟାଙ୍କ ସମସ୍ତ ଜ୍ଞାତ ଏନକମ୍ବ୍ରାନ୍ସ, ବୈଧାନିକ ଦେୟ ଯଦି କିଛି ଥାଏ ତାହା ପ୍ରକାଶ କରିଛି ଏବଂ ଏହା କ୍ରେତାଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ କି ସେ ନିଲାମରେ ଅଂଶ ଗ୍ରହଣ କରିବା ପୂର୍ବରୁ ନିଜ ଖର୍ଚ୍ଚରେ ନିଜେ ସମ୍ପତ୍ତିର ସ୍ୱତନ୍ତ୍ର ଅନୁସନ୍ଧାନ କରିବା ଉଚିତ୍। (୧୩) ଉପରଦର୍ଶିତ ବୈଧାନିକ ଦେୟ ଠାରୁ ବ୍ୟାଙ୍କର ଦେୟକୁ ଅଗ୍ରାଧିକାର ଦିଆଯିବ। ଏହାବ୍ୟତିତ ଯଦି କିଛି ବୈଧାନିକ ଦେୟ ଥାଏ ତାହାକୁ କ୍ରେତା ବହନ କରିବେ ଏବଂ ବ୍ୟାଙ୍କର ଏବିଷୟରେ କୌଣସି ଦାୟୀତ୍ୱ ରହିବ ନାହିଁ। (୧୪) ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବ। (୧୫) ସମ୍ପତ୍ତିଗୁଡ଼ିକର ଇ-ନିଲାମ ସମାପ୍ତ ପରେ ଅସଫଳ ନିଲାମଧାରୀମାନଙ୍କୁ ସେମାନଙ୍କର ଅମାନତ ରାଶି ବିଡ୍ ଫର୍ମରେ ସେମାନେ ଦର୍ଶାଇଥିବା ସେମାନଙ୍କ ଆକାଉଣ୍ଟ ନମ୍ବରକୁ EFT/NEFT/RTGS ମାଧ୍ୟମରେ ଫେରସ୍ତ କରାଯିବ ଏବଂ ସେମାନଙ୍କ ଇ-ମେଲ ଆଇଡି ମାଧ୍ୟମରେ ଜଣାଇ ଦିଆଯିବ। (୧୬) ଇ-ନିଲାମ ବିଜ୍ଞାପନଟି ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିନିଧିତ୍ୱ କିମ୍ବା କୌଣସି ପ୍ରତିଶ୍ରୁତି ବହନ କରୁଛି ବୋଲି ବିଚାର କରାଯିବ ନାହିଁ। କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷର ଦାବି/ଅଧିକାର/ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। (୧୭) ଆୟକର ଆଇନ ୧୯୬୧ ଧାରା ୧୯୪ ଆଇ.ଏ. ଅନୁସାରେ ସଂରକ୍ଷିତ ମୂଲ୍ୟର ୧% ଆୟକର କାଟିଦିଆଯିବ ଏବଂ ତାହା କ୍ରେତାଙ୍କ ପ୍ୟାନ୍ ନମ୍ବରରେ ଜମା କରାଯିବ। ଯେହେତୁ ସଂରକ୍ଷିତ ମୂଲ୍ୟ ଉପରେ ଟ୍ୟାକ୍ସ ଗଣନା କରାଯାଇଛି, ତେଣୁ ନିଲାମଧାରୀ ବିଡ୍‌ର ଗୁଣିତକ ରାଶି ଉପରେ ୧% ଆୟକର ପରିମାଣ ବହନ କରିବେ ଏବଂ ଏଥିରେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବନାହିଁ। (୧୮) ଇ-ନିଲାମ/ ସମ୍ପତ୍ତି ଯାଞ୍ଚ ଓ ସବିଶେଷ ବିବରଣୀ ପାଇଁ ଇଚ୍ଛୁକ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: ସଂପୃକ୍ତ ଶାଖା ପ୍ରବନ୍ଧକ କିମ୍ବା Authorized Officer, **SRI RAJINISH KUMAR GAURAVA, Mob.: 09891695050,** Indian Overseas Bank, Regional Office, Bhubaneswar, Phone No. : 0674-2540032, E-mail: 0815ro@iobnet.co.in & 0815law@iob.in or approved service provider **M/s e-Procurement Technologies Ltd., A-801, Wall Street-II, Opp. Oriental Club, Near Gujarat College, Ellis Bridge, Ahmedabad-380006, Contact Person: Ram Sharma- 08000023297, Rakesh Nayak- 9937220319, Land Line No.: 079-40230821/823/824/825/826/827/816/806. Toll Free No.:18001035342. Email ID: orissa@auctiontiger.net, ramprasad@auctiontiger.net & support@auctiontiger.net, Website: https://iob.auctiontiger.net** (୧୯) ଉପରଦର୍ଶିତ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ପ୍ରତି ବିଡ୍ ବୃଦ୍ଧି ରାଶି **ଟ.୩୦,୦୦୦/-** ରଖାଯାଇଛି। (୨୦) ଏହି ପ୍ରକାଶନଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୯(୧) ଅନୁଯାୟୀ ଉପରୋକ୍ତ କ୍ର. ନଂ. ୧ ରୁ ୪ରେ ଦର୍ଶିତ ଋଣଗ୍ରହୀତା/ଜାମିନ୍ଦାରମାନଙ୍କ ନିମନ୍ତେ **୧୫ ଦିନିଆ ନୋଟିସ୍** ଅଟେ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୧୩(୮)(୬) ଅନୁଯାୟୀ ଉପରୋକ୍ତ କ୍ର. ନଂ. ୫ ରୁ ୧୩ରେ ଦର୍ଶିତ ଋଣଗ୍ରହୀତା/ଜାମିନ୍ଦାରମାନଙ୍କ ନିମନ୍ତେ **୩୦ ଦିନିଆ ନୋଟିସ୍** ଅଟେ ।

**ସ୍ୱତନ୍ତ୍ର ନିର୍ଦ୍ଦେଶ/ସାବଧାନତା**

ନିଲାମଧାରୀମାନେ ନିଜ ଇଚ୍ଛାରେ ନିଲାମ ପ୍ରକ୍ରିୟାର ଶେଷ ମିନିଟ୍ / ସେକେଣ୍ଡରେ ବିଡିଂ ପରିହାର କରିପାରନ୍ତି । ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ କିମ୍ବା ସେବା ପ୍ରଦାନକାରୀ ନିଲାମଧାରୀଙ୍କ ପକ୍ଷରୁ କିମ୍ବା ଭେଣ୍ଡରଙ୍କ ପକ୍ଷରୁ କୌଣସି ତ୍ରୁଟି (ଇଣ୍ଟରନେଟ, ପାୱାର ସଙ୍କଟ) ନିମନ୍ତେ ଦାୟୀ ରହିବେ ନାହିଁ । ଏପରି ସଂକଟରୁ ମୁକ୍ତି ନିମନ୍ତେ ନିଲାମଧାରୀମାନଙ୍କୁ ଅନୁରୋଧ ସେମାନେ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା/ବିକଳ୍ପ ବ୍ୟବସ୍ଥା ଯଥା- ବ୍ୟାକ୍ ଅପ୍ ପାୱାର ସପ୍ଲାଏ ଇତ୍ୟାଦି କରିବେ ଯାହାଦ୍ୱାରା ସେମାନେ ଏପରି ସ୍ଥିତିରୁ ରକ୍ଷାପାଇବା ସହିତ ନିଲାମରେ ସଫଳ ଭାବେ ଅଂଶଗ୍ରହଣ କରିପାରିବେ ।

**ତାରିଖ: ୨୪.୦୯.୨୦୧୮, ସ୍ଥାନ: ଭୁବନେଶ୍ୱର** ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

## ସଂକ୍ଷେପରେ

### ସ୍ୱାସ୍ଥ୍ୟ ପରିଦର୍ଶକ ସଂଘ ବୈଠକ

ଅନୁଗୋଳ ଅଫିସ, ୨୪।୯- ଅନୁଗୋଳ ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ(ପୁରୁଷ) ସଂଘ ଜିଲା ଶାଖା ପକ୍ଷରୁ ସ୍ଥାନୀୟ ଗାୟତ୍ରୀ ମନ୍ଦିରରେ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସମ୍ପାଦକ ଟଙ୍କଧର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ସଂଘ ନିଷ୍ପତ୍ତି କ୍ରମେ ଆସନ୍ତା ୨୮ରେ ନୂତନ କର୍ମକର୍ତ୍ତା ନିର୍ବାଚନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ସୁଧୀର କୁମାର ବେହେରା ଓ ଟଙ୍କଧର ବେହେରାଙ୍କୁ ନିର୍ବାଚନ ତୁଲାଇବା ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ବେଲଟିକିରି(ଢେଙ୍କାନାଳ) ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମ୍ୟାଲେରିଆ ଟେକ୍ନିକାଲ ସୁପରଭାଇଜର ମହିମା ଯଜ୍ଞସ ପ୍ରସାଦ, ଅନୁଗୋଳ ଜିଲା ବହୁମୁଖୀ ମହିଳା ସ୍ୱାସ୍ଥ୍ୟ କର୍ମୀ ସଂଘ ଜିଲା ସଭାନେତ୍ରୀ ବୈଜୟନ୍ତୀ ମିଶ୍ର ଦେଇଥିବା ସଂଘ ବିରୋଧୀ ମନ୍ତବ୍ୟକୁ ନିନ୍ଦା କରାଯାଇଥିଲା। ଆଗାମୀ ଦିନରେ ସେମାନେ ଏଭଳି କାର୍ଯ୍ୟରୁ ନିବୃତ୍ତ ନ ରହିଲେ ସଂଘ ତରଫରୁ ମାନହାନି ମକଦ୍ଦମା କରାଯିବ ବୋଲି ସ୍ଥିର କରାଯାଇଥିଲା।

### ଭିନ୍ନକ୍ଷମଙ୍କୁ ଡାକ୍ତରଖାନାରୁ ତଡ଼ିଦେବା ଅଭିଯୋଗ

ବର୍ଥାଁରପାଳ,୨୪।୯(ଡି.ଏନ.ଏ.)- ଢେଙ୍କାନାଳ ଜିଲା ହିନ୍ଦୋଳ ଅଞ୍ଚଳର ଆହତ ଭିନ୍ନକ୍ଷମ ବଳରାମ ନାୟକଙ୍କୁ ନାଲ୍କୋ ଡାକ୍ତରଖାନା ସୁରକ୍ଷାକର୍ମୀମାନେ ତଡି ଦେଇଥିବା ସେ ଅଭିଯୋଗ କରିଛନ୍ତି। ଆହତ ଅବସ୍ଥାରେ ବହୁ କଷ୍ଟରେ ସେ ଡାକ୍ତରଖାନାରେ ପହଞ୍ଚିଥିଲେ ହେଁ ଅଧାବାଟରୁ ହସ୍ପିଟାଲର ସୁରକ୍ଷାକର୍ମୀମାନେ ତାଙ୍କୁ ବାହାର କରିଦେଇଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ନାଲକୋ ଡାକ୍ତରଖାନା ପ୍ରଶାସନିକ ଅଧିକାରୀ ଏନ୍. କେ. ଦାସ କୁହନ୍ତି, ଭିନ୍ନକ୍ଷମ ଜଣକ ଡାକ୍ତରଖାନାକୁ ଆସିନାହାନ୍ତି। ସେ ବାହାରେ ଶୋଇଥିଲେ। ଯଦି ସୁରକ୍ଷାକର୍ମୀ ତଡ଼ି ଦେଇଥିବା ସେ ଅଭିଯୋଗ କରିଛନ୍ତି ଏହାର ଅନୁଧାନ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

### ଦୁର୍ଘଟଣାରେ ଜଣେ ଗୁରୁତର

ପାଲଲହଡା,୨୪।୯(ଡି.ଏନ.ଏ.)- ପାଲଲହଡ଼ା ବ୍ଲକ ଝିମିରିପାଲି ଗ୍ରାମ ନିକଟ ୧୪୯ନଂ. ଜାତୀୟ ରାଜପଥରେ ସୋମବାର ସନ୍ଧ୍ୟାରେ ଏକ ବାଇକ୍ ଧକ୍କାରେ ଜଣେ ସାଇକେଲ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ସିଡ଼ିଙ୍ଗ ଗ୍ରାମର ଧନିଆ ବେହେରା (୨୫)। ଧନିଆ ଝିମିରିପାଲି ଛକରୁ ଘରକୁ ଫେରୁଥିବା ସମୟରେ ଏକ ବାଇକ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ପାଲଲହଡା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

### ପୋଲିସକୁ ସହଯୋଗ କରନ୍ତୁ ଲୋକେ

ଛେଣ୍ଡିପଦା,୨୪।୯(ଡି.ଏନ.ଏ./ ସ୍ୱ.ପ୍ର.)- ଛେଣ୍ଡିପଦା ଥାନା ପୋଲିସ ପ୍ରଶାସନ ପକ୍ଷରୁ ବସନ୍ତପୁର ପଞ୍ଚାୟତ ଅଫିସଠାରେ ସୋମବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଆଇଆଇସି ନିର୍ମଳା ଗୋଚ୍ଛାୟତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ପଞ୍ଚାୟତର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାଧାରଣ ଲୋକେ କିଭଳି ପୋଲିସ ପକ୍ଷରୁ ଆଇନଗତ ସହାୟତା ପାଇପାରିବେ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅସାମାଜିକ କାର୍ଯ୍ୟକଳାପ ହେଲେ ତୁରନ୍ତ ପୋଲିସକୁ ଲୋକେ ସୂଚନା ଦେବା ସହ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। ବାଗେଡିଆ ଫାଣ୍ଡି ଅଧିକାରୀ ବୁଦ୍ଧଦେବ ବିଶ୍ୱାଳ, ପୋଲିସ କର୍ମଚାରୀ ପ୍ରଦୀପ ସାହୁଙ୍କ ସମେତ ନିର୍ବାଚିତ ଜନପ୍ରତିନିଧି, ଜନସାଧାରଣ ଉପସ୍ଥିତ ଥିଲେ।

### ୧୧୧ ଜଣଙ୍କୁ ଗୃହ କାର୍ଯ୍ୟାଦେଶ

ଛେଣ୍ଡିପଦା,୨୪।୯(ଡି.ଏନ.ଏ./ ସ୍ୱ.ପ୍ର)- ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ସୋମବାର ବିଜୁ ପକ୍କାଘର କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋମାଞ୍ଚଳ ଖମାରୀଙ୍କ ନେତୃତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇ ୧୧୧ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ, ଉପାଧକ୍ଷା ସୁଷମା ରାଉଳ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ପ୍ରଧାନ, ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ସାହୁଙ୍କ ସମେତ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଟାଙ୍ଗିଲେ ମହିଳା, ମଦ ଭାଟି ଭାଙ୍ଗିଲେ



ବଇଣ୍ଡା, ୨୪।୯(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ଥାନା ଓସ୍କାପାଲି ପଞ୍ଚାୟତରେ ଚୋରା ଦେଶୀ ମଦ ବିକ୍ରିକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ଶନିବାର ଓ ରବିବାର ୨ ଦିନ ଧରି ସ୍ଥାନୀୟ ମହିଳାମାନେ ଏକଜୁଟ୍ ହୋଇ ମଦବିକ୍ରି ବନ୍ଦ କରିବା ପାଇଁ ସଚେତନତା ଶୋଭାଯାତ୍ରା କରିଥିଲେ। ଏହା ସତ୍ତ୍ୱେ ମଦ ବିକ୍ରି ବନ୍ଦ ନ ହେବାରୁ ସୋମବାର ରାତିରେ ପଞ୍ଚାୟତର ୭ଟି ଗ୍ରାମର ମହିଳାମାନେ ଏକଜୁଟ୍ ହୋଇ ଓସ୍କାପାଲି ଗ୍ରାମରେ ଥିବା ଦେଶୀ ମଦ ଭାଟିକୁ ଭାଙ୍ଗିବା ସହ ଭାଟିରେ ମଦ ପୋଡ଼ି ଦେଇଛନ୍ତି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଗ୍ରାମର ମହିଳାମାନେ କହିଛନ୍ତି, ପଞ୍ଚାୟତରେ ମାତ୍ରାଧିକ ଚୋରା ମଦ କାରବାର ହେଉଛି। ସେଗୁଡ଼ିକ ବନ୍ଦ କରିବା ପାଇଁ ଗ୍ରାମବାସୀ ତଥା ମହିଳା ସଙ୍ଗଠନ ପକ୍ଷରୁ ବହୁବାର ଦାବି କରାଯାଉଛି। ହେଲେ ସେଥିପ୍ରତି କେହି ଦୃଷ୍ଟି ଦେଉ ନାହାନ୍ତି। ୨ ଦିନ ଧରି ମହିଳାମାନେ ସଚେତନତା କରାଇଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ମଦ ବିକ୍ରି ପାଇଁ ତାଗିଦ କରାଯାଇଥିବାବେଳେ ସୋମବାର ପୁଣି ଭାଟିରେ ମଦ ବିକ୍ରି କରାଯାଇଥିଲା। ଏହା ଜଣାପଡ଼ିବା ପରେ ମହିଳାମାନେ ଏକଜୁଟ୍ ହୋଇ ଆନ୍ଦୋଳନ କରିଛନ୍ତି।

## କୋରଡାରେ କଲରାପତରିଆ ବାଘ

ଛେଣ୍ଡିପଦା,୨୪।୯(ଡି.ଏନ.ଏ.)

ଅନୁଗୋଳ ବନଖଣ୍ଡ ଛେଣ୍ଡିପଦା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ କୋରଡା ଗ୍ରାମ ନିକଟରେ ଦୁଇ ଦିନ ଧରି କଲରାପତରିଆ ବାଘ ଚଳପ୍ରଚଳ କରୁଥିବା ଜଣାପଡିଛି। ଗ୍ରାମ ବସତିଠାରୁ ମାତ୍ର ଦୁଇ ଶହ ମିଟର ଦୂରରେ ଥିବା ଆମ୍ବ ବଗିଚା ମଧ୍ୟରେ ପଡିଥିବା ବାଘ ପାଦ ଚିହ୍ନ ଦେଖି ଲୋକେ ଆତଙ୍କିତ ହୋଇପଡିଛନ୍ତି। ଏଥିଯୋଗୁ ଲୋକେ ଜଙ୍ଗଲ ମଧ୍ୟକୁ ନ ଯିବା ସହ ଗାଈଗୋରୁ ଛେଳି ମେଣ୍ଢା ଆଦିକୁ ଚରାଇବାକୁ ନେଉନାହାନ୍ତି। ପ୍ରକାଶଥାଉ କି, ଗତ ୧୫ ତାରିଖରେ ବନ୍ୟଜନ୍ତୁ ଶିକାର ପାଇଁ ବିଛାଯାଇଥିବା ଜିଆଇ ତାର ଫାଶରେ ବାଘ ପଡିବା ସହ ତାର ଫାଶକୁ ଛିଣ୍ଡାଇ ପଳାଇଯାଇଥିଲା। ସେହି ଦିନଠାରୁ ଆହତ ବାଘଟି କୋରଡା, ଟାଙ୍ଗିରୀସାହି, ରାଇଝରଣ ଜଙ୍ଗଲ ଇଲାକାରେ ବୁଲୁଥିବା ଜଣାପଡିଛି। ଏହାର ଗତିବିଧି ଉପରେ ବିଭାଗ ନଜର ରଖିବା ସହ ବାଘ ଯେପରି ଜନବସତି ମୁହାଁ ନ ହୁଏ ସେ ଦିଗରେ ପଦକ୍ଷେପ ନିଆଯିବାକୁ ଦାବି ହୋଇଛି।

## ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର

ବଇଣ୍ଡା, ୨୪।୯(ଡି.ଏନ.ଏ.)

ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଠାକୁରଗଡ଼ ଗ୍ରାମବାସୀ ସୋମବାର ଅନୁଗୋଳ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ଏକ ନକଲ ଆଠମଲ୍ଲିକ ତହସିଲଦାର, ଆଠମଲ୍ଲିକ ଉପଜିଲାପାଳ, ଆଠମଲ୍ଲିକ ବିଧାୟକ, ରାଜସ୍ୱ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି, ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର ଠାକୁରଗଡ଼ ଲକ୍ଷ୍ମୀବଜାର ରାସ୍ତା କଡ଼ରେ ପ୍ରତ୍ୟେକ ଶୁକ୍ରବାର ସାପ୍ତାହିକ ହାଟ ବସୁଛି। ଏଥିଯୋଗୁ ଟ୍ରାଫିକ ସମସ୍ୟା ଦେଖାଦେବା ସହ ବାରମ୍ବାର ଦୁର୍ଘଟଣା ଘଟୁଛି। ପଞ୍ଚାୟତ ପକ୍ଷରୁ ଏକ ଜାଗା ଚିହ୍ନଟ କରାଯାଇ ହାଟଟିକୁ ସ୍ଥାନାନ୍ତର କରିବା ପାଇଁ ଦାବି ହୋଇଛି। ସେହିପରି ୧୯୩୪ରେ ଠାକୁରଗଡ଼ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ହୋଇଥିବାବେଳେ ବିଦ୍ୟାଳୟର କିଛି ଜାଗାକୁ କେତେଜଣ ଉଠା ଦୋକାନୀ ଜବରଦଖଲ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଉକ୍ତ ଜାଗାକୁ ଉଚ୍ଛେଦ କରିବା ପାଇଁ ଆଠମଲ୍ଲିକ ତହସିଲଦାର ଚିଠି ନଂ. ୧୦୬୮ ତା ୨୩।୩।୨୦୧୭ରେ ନିର୍ଦ୍ଦେଶନାମା ଜାରି କରିଥିଲେ ମଧ୍ୟ ତାହା ପାଳନ କରାଯାଇନାହିଁ। ଫଳରେ ଯାତାୟାତରେ ଅସୁବିଧା ହେଉଛି। ଅନ୍ୟପକ୍ଷରେ ବିଦ୍ୟାଳୟ ନିକଟରେ ଚୋରା ମାଦକ ଦ୍ରବ୍ୟ ବିକ୍ରି ହେଉଥିବାବେଳେ ଅନେକ ସମୟରେ ଅସାମାଜିକ ଲୋକଙ୍କ ଦ୍ୱାରା ଛାତ୍ରୀଛାତ୍ରମାନେ ନିର୍ଯ୍ୟାତନାର ଶିକାର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିସହିତ ଠାକୁରଗଡ଼ କୃଷି କାର୍ଯ୍ୟାଳୟ ଜାଗାରେ ତାର ବାଡ଼ ଦିଆଯାଇଥିବାବେଳେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଏହି ବାଡ଼କୁ ଭାଙ୍ଗି ଘର ନିର୍ମାଣ କରିଛନ୍ତି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ୍ୟ ଉଚ୍ଛେଦ କରାଯାଉ ନାହିଁ। ଏଥିସହ ଠାକୁରଗଡ଼ ମୌଜା ନାକିଚି ରୋଡ଼ ନିକଟରେ ଥିବା ଗ୍ରାମ୍ୟ ଜଙ୍ଗଲ ଗୋଚର ଜମିକୁ ଦଖଲ କରାଯାଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯାଇ ପଦକ୍ଷେପ ଗ୍ରହଣ କରିବା ପାଇଁ ଗ୍ରାମ ସଭାପତି ବସନ୍ତ କୁମାର ସାହୁ, ସମ୍ପାଦକ ଗଣେଶ୍ୱର ଖୁଣ୍ଟିଆ, କୈଳାସ ଚନ୍ଦ୍ର ସାହୁ, ବିକ୍ରମ ବାଘ, ଇନ୍ଦ୍ରମଣି ସାହୁ, ଲକ୍ଷ୍ମଣ ସେନାପତି, ସାଗର ଦେହୁରୀ, ସୁଧୀର ସାହୁ, ଅଭିମନ୍ୟୁ ପ୍ରଧାନ, ଫକିର ଚରଣ ସାହୁ, ନେପାଳ ସାହୁ, ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଦାବି କରିଛନ୍ତି।

■ରାଜ୍ୟସ୍ତରୀୟ ସ୍କୁଲ କବାଡ଼ି ପ୍ରତିଯୋଗିତା

# ଢେଙ୍କାନାଳ ଉପବିଜେତା



ଢେଙ୍କାନାଳ ରେଳଷ୍ଟେଶନରେ ବାଳକ କବାଡି ଦଳକୁ ସମ୍ବର୍ଦ୍ଧନା।

ଢେଙ୍କାନାଳ ଅଫିସ,୨୪।୯

ବରଗଡସ୍ଥିତ ଜର୍ଜ ଉଚ୍ଚ ବିଦ୍ୟାଳୟ ପରିସରରେ ଗତ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ୬୪ତମ ରାଜ୍ୟସ୍ତରୀୟ ୧୭ବର୍ଷରୁ କମ୍ ବାଳିକା ବାଳକ ସ୍କୁଲ ସମୁହ କବାଡି ପ୍ରତିଯୋଗିତାରେ ଢେଙ୍କାନାଳ ଜିଲା ବାଳକ ଦଳ ଉପବିଜେତା ହୋଇଛି। ଏଥିରେ ବାଳକ ଦଳର କେଦାର ହାତୀ, ସ୍ୱାଗତ ବେହେରା, ଟୁକୁନା ପ୍ରଧାନ, କ୍ରୀତିରଞ୍ଜନ ଦାସ, ସୌମ୍ୟରଞ୍ଜନ ସାହୁ, ସୁମନ ଭୋଇ, ଯୋଗେଶ ସାମଲ, ଅନିଲ କୁମାର ସେଠି, ସୁବୋଧ ରଞ୍ଜନ ସାହୁ, ରାଜେଶ ସେଠି, ରଜତ କୁମାର ସାମଲ, ଗୋବିନ୍ଦ ବେହେରା ଏବଂ କୋଚ ଭାବେ ଅଭିମନ୍ୟୁ ମଲିକ, ମ୍ୟାନେଜର ଭାବେ ଦୀପକ ମୁଦୁଲି ଓ ତୁଳସୀରାମ ମହନ୍ତ, ଅଫିସିଆଲ ଭାବେ ଉମେଶ ଦାସ ଓ ମଞ୍ଜୁବାଳା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସୋମବାର ପ୍ରତିଯୋଗୀମାନେ ଟ୍ରେନ୍ ଯୋଗେ ଢେଙ୍କାନାଳ ଫେରିବା ପରେ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ପ୍ରତିଯୋଗୀମାନଙ୍କୁ ରେଳଷ୍ଟେଶନରେ ସମ୍ବର୍ଦ୍ଧିତ କରାଯାଇଛି।

## ଏନ୍ଏସି ଅଧକ୍ଷା-ଅସନ୍ତୁଷ୍ଟ କାଉନସିଲର ବିବାଦ ସମାଧାନ

ହିନ୍ଦୋଳ,୨୪।୯(ଡି.ଏନ.ଏ.)

ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍ଏସିରେ କିଛିଦିନ ଧରି ଅଧକ୍ଷା ଏବଂ ଅସନ୍ତୁଷ୍ଟ କାଉନସିଲରଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ସୋମବାର ବିଧାୟିକା ସୀମାରାଣୀ ନାୟକଙ୍କ ହସ୍ତକ୍ଷେପ ପରେ ସମାଧାନ ହୋଇଛି। ସୂଚନାଯୋଗ୍ୟ, ଉଭୟ ଅଧକ୍ଷା ଏବଂ ଉପାଧକ୍ଷଙ୍କ ସମେତ ଅସନ୍ତୁଷ୍ଟ କାଉନସିଲରଙ୍କ ମଧ୍ୟରେ କିଛିଦିନ ଧରି ବୈଠକ ନ ବସିବାକୁ ନେଇ ବିବାଦ ଲାଗି ରହିଥିଲା। ଏ ନେଇ ଉଭୟଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିଲା। ବିଧାୟିକା ଏହି ଘଟଣା ଜାଣିବା ପରେ ସୋମବାର ହିନ୍ଦୋଳ ଏନ୍ଏସି ସଭାଗୃହରେ ଏକ ବୈଠକ ଡକାଇ ଆପୋଷ ସମାଧାନ କରିଥିଲେ। ଏକ ସପ୍ତାହ ମଧ୍ୟରେ ଉପାଧକ୍ଷଙ୍କୁ ସ୍ୱତନ୍ତ୍ର କାର୍ଯ୍ୟାଳୟ ଯୋଗାଇ ଦେବା, ଆସନ୍ତା ୩ ତାରିଖରେ ବୈଠକ ବସିବାକୁ ନିଷ୍ପତ୍ତି ହୋଇଥିଲା। ସମସ୍ତେ ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟ କରିବାକୁ ବିଧାୟିକା ପରାମର୍ଶ ଦେଇଥିଲେ। ଅଧକ୍ଷା ରୀନା ବେହେରା, ଉପାଧକ୍ଷ ଟିମା ବେହେରା, କାଉନସିଲର ବିଜୟ ଦାସ, ପ୍ରଦ୍ୟୁମ୍ନ ବେହେରା, ତପନ ପରିଡା, ରଶ୍ମିତା ସାହୁ, ରୀତା ପଲେଇ, ବସୁମତୀ ସାହୁ, ରମେଶ ସାହୁ, ପ୍ରଦୀପ ବେହେରା, ସୁବାସ ବେହେରା, ନିର୍ବାହୀ ଅଧିକାରୀ ବିନୟ ରଞ୍ଜନ ମହାପାତ୍ରଙ୍କ ସମେତ ବ୍ଲକ ବିଜେଡି ସଭାପତି ବରୁଣ କୁମାର ସର, ଏନ୍ଏସି ବିଜେଡି ସଭାପତି ଗୋବିନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



# ବିଜେଡିରେ ମିଶିଲେ ଭାଜପା କର୍ମୀ

କାମାକ୍ଷାନଗର,୨୪।୯(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ କଙ୍କଡ଼ାହାଡ଼ ଦର୍ଶୀପୁର ଅଞ୍ଚଳର ଶତାଧିକ ଭାଜପା କର୍ମୀ ସୋମବାର ବିଜେଡିରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ଦଳରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡ. ନୃସିଂହ ସାହୁଙ୍କ ଉପସ୍ଥିତିରେ ଯୁବ ନେତା ରାଜେଶ ଦେହୁରୀଙ୍କ ନେତୃତ୍ୱରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଦେହୁରୀ ତାଙ୍କ ସମର୍ଥକମାନଙ୍କୁ ଦଳରେ ସାମିଲ କରାଇଥିଲେ। ଏହି ଅବସରରେ ଢେଙ୍କାନାଳ ଜିଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକ, ଜିଲା ବିଜେଡି ସାଧାରଣ ସମ୍ପାଦକ ଭୁପେଶ ପ୍ରଧାନ, ପରଜଙ୍ଗ ବ୍ଲକ ଅଧକ୍ଷ ଅକ୍ଷୟ ବେହେରାଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

# କୂଅରୁ ଗାଈ ଉଦ୍ଧାର କଲେ ଲୋକେ

କଣିହାଁ,୨୪।୯(ଡି.ଏନ.ଏ.)

କଣିହାଁ ବ୍ଲକ ଅଗ୍ନିଶମ ବିଭାଗ କର୍ମଚାରୀମାନେ ୬ ଦଫା ଦାବିରେ ସୋମବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏଥିଯୋଗୁ ଜନସାଧାରଣ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ସମଲ ଥାନା ଗୌଣୀଘଷା ଗ୍ରାମର ଏକ ପରିତ୍ୟକ୍ତ କୂଅରେ ସୋମବାର ଅପରାହ୍ଣରେ ଏକ ଗାଈ ଖସିପଡ଼ିଥିଲା। ଉଦ୍ଧାର ପାଇଁ ସ୍ଥାନୀୟ ଲୋକେ କଣିହାଁ ଅଗ୍ନିଶମ କାର୍ଯ୍ୟାଳୟକୁ ଜଣାଇଥିଲେ ମଧ୍ୟ କେହି ପହଞ୍ଚି ନ ଥିଲେ। ପରେ ସ୍ଥାନୀୟ ଲୋକ ଓ କିଛି ଯୁବକ ଦୀର୍ଘ ଘଣ୍ଟା ପରିଶ୍ରମ ପରେ ଗାଈକୁ ଉଦ୍ଧାର କରିଥିଲେ। ଏ ନେଇ କଣିହାଁ ଅଗ୍ନିଶମ ଅଧିକାରୀ ରୋହିତ ବେହେରା କହିଛନ୍ତି, ବିଭିନ୍ନ ଦାବିରେ କର୍ମଚାରୀମାନେ ଆନ୍ଦୋଳନ ଚଳାଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେମାନେ କାର୍ଯ୍ୟରେ ଯୋଗଦେବେ ନାହିଁ। ଏଠାରେ ଥିବା ୧୪ ଜଣ କର୍ମଚାରୀଙ୍କ ମଧ୍ୟରୁ ୧୩ ଜଣ ଆନ୍ଦୋଳନ ସାମିଲ ହୋଇଛନ୍ତି। ମୁଁ ଏକା ଅଛି। ପୋଲିସ ତରଫରୁ ୨ଜଣ କନଷ୍ଟେବଲଙ୍କୁ ରଖାଯାଇଛି। ଗାଈ ପଡ଼ିଥିବା ଖବର ପାଇଥିଲି। କର୍ମଚାରୀ ଓ ଡ୍ରାଇଭର ଅଭାବରୁ ଯିବା ସମ୍ଭବ ହେଲା ନାହିଁ।

# ୨୧୯ ଗୋଷ୍ଠୀକୁ ଅର୍ଥ ପ୍ରଦାନ



ଛେଣ୍ଡିପଦା,୨୪।୯ (ସ୍ୱ.ପ୍ର./ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକର ୭ଟି ପଞ୍ଚାୟତର ୨୧୯ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ସରକାରଙ୍କ ଆବର୍ତ୍ତନ ପାଣ୍ଠିରୁ ୩୨ ଲକ୍ଷ ୮୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏ ନେଇ ଛେଣ୍ଡିପଦା ଜୀବିକା ମିଶନ ପକ୍ଷରୁ ବ୍ଲକ ସଂଯୋଜିକା ମାନସୀ ରାଉତଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ରବିବାର ଏକ ସଭା ଅନୁଷ୍ଠିତ ହୋଇଥିଲା। ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପାତ୍ରପଡା, ବାଗଡିଆ, ବସନ୍ତପୁର, ମାଛକୁଟା, ନିଶା, କଙ୍କରେଇ ଓ ରାଇଝରଣ ପଞ୍ଚାୟତର ୨୧୯ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଆବର୍ତ୍ତନ ପାଣ୍ଠିରୁ ଟଙ୍କା ପ୍ରଦାନ କରିଥିଲେ। ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ, ଉପାଧକ୍ଷା ସୁଷମା ରାଉଳ, ବିଡିଓ ରୋମାଞ୍ଚଳ ଖମାରୀ, ଏବିଡିଓ ଦିଲୀପ କୁମାର ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ , ଛେଣ୍ଡିପଦା ଜୀବିକା ମିଶନର ସଂଯୋଜକ ସଞ୍ଜୟ କୁମାର ସାହୁ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗ ଦେଇଥିଲେ।

■ବ୍ଲକ ଅଧକ୍ଷ-ପଞ୍ଚାୟତ ନିର୍ବାହୀ ଅଧିକାରୀ ବିବାଦ ତେଜୁଛି

# ଏପଟେ ଦାବିପତ୍ର, ସେପଟେ କୋର୍ଟରେ ମାମଲା

ହିନ୍ଦୋଳ,୨୪।୯(ଡି.ଏନ.ଏ.)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଅଧକ୍ଷ ଏବଂ ରାସୋଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ବସନ୍ତ ବେହେରାଙ୍କ ମଧ୍ୟରେ ବିବାଦ ଦିନକୁ ଦିନ ତେଜିବାରେ ଲାଗିଛି। ଫଳରେ କେତେକ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇଯାଇଥିବା ଅଭିଯୋଗ ବଢ଼ିବାରେ ଲାଗିଛି। ସୋମବାର ବ୍ଲକ ଅଧକ୍ଷଙ୍କ ବିରୋଧରେ ଜିଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ସେହିପରି ବ୍ଲକ ଅଧକ୍ଷଙ୍କ ନାମରେ ଅଭିଯୋଗ ଆଣିଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଜଣେ ମହିଳା କୋର୍ଟରେ ମାମଲା ରୁଜୁ କରିଛନ୍ତି।

ଗତ ଅଗଷ୍ଟରେ ବିଜୁ ପକ୍କା ଘର ବଣ୍ଟନକୁ ନେଇ ନିର୍ବାହୀ ଅଧିକାରୀ ବସନ୍ତ ଏବଂ ବ୍ଲକ ଅଧକ୍ଷଙ୍କ ମଧ୍ୟରେ ବିବାଦ ହୋଇଥିଲା। ଏହି ଘଟଣା ପରେ ବ୍ଲକ ଅଧକ୍ଷ ନିର୍ବାହୀ ଅଧିକାରୀଙ୍କ ବାଲିମୀସ୍ଥିତ ବାସ ଭବନରେ ପଶି ତାଙ୍କୁ ମାଡ଼ ମାରିଥିବା ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ରାଜ୍ୟ ତଥା ଜିଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ନିକଟରେ ବସନ୍ତ ଅଭିଯୋଗ କରିଥିଲେ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସଂଘ ପକ୍ଷରୁ କଲମ ଛାଡ ଆନ୍ଦୋଳନ କରାଯାଇଥିଲା। ୭ ଦିନର ଆନ୍ଦୋଳନ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସଂଘ ପକ୍ଷରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ସୋମବାର ଜିଲା ସଂଘ ପକ୍ଷରୁ ସଭାପତି ହିରଣ୍ୟ ବରାଳଙ୍କ ନେତୃତ୍ୱରେ ଆଉ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ୨୯ ତାରିଖ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନ ହେଲେ ୩୦ ତାରିଖଠାରୁ ନିର୍ବାହୀ ଅଧିକାରୀମାନେ ସମୂହ ଛୁଟିରେ ଯିବେ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ଅନ୍ୟପଟେ ସମ୍ପୃକ୍ତ ନିର୍ବାହୀ ଅଧିକାରୀ ବସନ୍ତଙ୍କ ବିରୋଧରେ ହିନ୍ଦୋଳ କୋର୍ଟରେ ଖଣ୍ଡତିରି ଗ୍ରାମର ମମତା ସାହୁ ନାମ୍ନୀ ଜଣେ ମହିଳା ଦୁର୍ବ୍ୟବହାର ପ୍ରଦର୍ଶନ ନେଇ ମକଦ୍ଦମା ନଂ.୪୩/୨୦୧୮ ଦାଏର କରିଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି, ଗତ ଅଗଷ୍ଟରେ ରାସୋଳ ଅଞ୍ଚଳର ସୁଲୋଚନା ପୃଷ୍ଟିଙ୍କୁ ସରକାରୀ ଯୋଜନାରେ ଏକ ଘର ଯୋଗାଇ ଦେବାକୁ ସମ୍ପୃକ୍ତ ନିର୍ବାହୀ ଅଧିକାରୀ କୁଆଡେ ୧୦ ହଜାର ଟଙ୍କା ମାଗିଥିଲେ। ସୁଲୋଚନା ଏ ନେଇ ମମତାଙ୍କୁ ଜଣାଇଥିଲେ। ମମତା ବ୍ଲକ ଅଧକ୍ଷଙ୍କୁ ଏହା ଜଣାଇବା ସହ ବ୍ଲକ ଅଧକ୍ଷଙ୍କ ସହ ଅଗଷ୍ଟ ୩୦ ଅପରାହ୍ଣରେ ନିର୍ବାହୀ ଅଧିକାରୀଙ୍କ ବାଲିମୀସ୍ଥିତ ବାସ ଭବନକୁ ଯାଇଥିଲେ। ସେଠାରେ ପଚରା ଉଚୁରା ବେଳେ ନିର୍ବାହୀ ଅଧିକାରୀ କୁଆଡେ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଧମକ ଚମକ ଦେଇଥିବା ମାମଲାରେ ଉଲ୍ଲେଖ କରିଛନ୍ତି। ଉକ୍ତ ମାମଲାକୁ କୋର୍ଟ ଗ୍ରହଣ କରିବା ସହ ତଦନ୍ତ ନିମନ୍ତେ ବାଲିମୀ ଥାନାକୁ ନିର୍ଦ୍ଦେଶ ପ୍ରଦାନ କରିଥିବା ଜଣାଯାଇଛି। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ବସନ୍ତ ବେହେରା କହିଛନ୍ତି, ଏହା ସମ୍ପୂର୍ଣ୍ଣ ମିଥ୍ୟା। ଯଦି ଏହା ସତ, ତା'ହେଲେ ଘଟଣାର ୨୫ ଦିନ ପରେ କୋର୍ଟରେ ମାମଲା କରିବାର ଉଦ୍ଦେଶ୍ୟ କଣ। ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ଲୋକ ଲୋଚନକୁ ଆସି ପାରିବ ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି।

ଧରିତ୍ରୀର ଢେଙ୍କାନାଳ - ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୬୫୪୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୬୮, କଣିହାଁ- ୭୮୯୪୪୬୨୯୧୨, ବର୍ଥାଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ଆଜି କ'ଣ କେଉଁଠି

**ଢେଙ୍କାନାଳ**
ଜିଲାସ୍ତରୀୟ ବିଜ୍ଞାନ କର୍ମଶାଳା
ସ୍ଥାନ-ଜିଲା ବିଜ୍ଞାନ କେନ୍ଦ୍ର
ସମୟ-ସକାଳ ସାଢେ ୯ଟା

## ସଂକ୍ଷେପରେ

### ଶହେ ମହିଳାଙ୍କୁ ସିଲେଇ ତାଲିମ

ଢେଙ୍କାନାଳ ଅଫିସ,୨୪।୯- ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବେଡାପଡା ଗ୍ରାମରେ ୬ ମାସ ଧରି ଚାଲିଥିବା ମହିଳାମାନଙ୍କୁ ସିଲେଇ ତାଲିମ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୦୦ ଜଣ ମହିଳାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏଲିମେଣ୍ଟାରୀ ଆଣ୍ଡ୍ ଟେକ୍‌ନିକାଲ ସ୍କିଲ କାଉନସିଲ ଅଫ୍ ଇଣ୍ଡିଆର ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଉଦ୍‌ଯାପନୀ ଦିବସରେ ରାଜ୍ୟ ସଂଯୋଜକ ଶୁଭମସାଇ ମିଶ୍ର, ସହ ସଂଯୋଜକ ଯଶୋବନ୍ତ ନାରାୟଣ ସାହୁ, ଶୁଭଲକ୍ଷ୍ମୀ ନାୟକ, ଗଦାଧର ଦାସ, ବ୍ଲକ ସଂଯୋଜକ ପ୍ରକାଶ କୁମାର ପରିଡା, ଧର୍ମାନନ୍ଦ ପ୍ରଧାନ ପ୍ରମୁଖ ପ୍ରଶିକ୍ଷାର୍ଥୀମାନଙ୍କ ମାର୍ଗଦର୍ଶନ କରାଇଥିଲେ। କେନ୍ଦ୍ରର ପରିଚାଳକ ମିହିର କୁମାର ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଢେଙ୍କାନାଳ ଅଫିସ,୨୪।୯- ଢେଙ୍କାନାଳ ସହର ଗୁଡିଆନାଳି ଶିକ୍ଷକ କଲୋନିଠାରେ ରହୁଥିବା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ଶତପଥୀ(୮୪)ଙ୍କ ସୋମବାର ଭୋର ସମୟରେ ପରଲୋକ ହୋଇଯାଇଛି। ସେ ୧୯୯୭ରେ ପ୍ରଧାନ ଶିକ୍ଷକ ଭାବେ ସୌଦାମିନୀ ବିଦ୍ୟାପୀଠରୁ ଅବସରଗ୍ରହଣ କରିଥିଲେ। ସେ ଜଣେ ଛାତ୍ରବତ୍ସଳ, ଅମାୟିକ ଶିକ୍ଷକ ଭାବେ ପରିଚିତ ଥିଲେ। ଏଥିସହିତ କବି, ଲେଖକ, ଗଳ୍ପକାର ଭାବେ ମଧ ସେ ଜଣାଶୁଣା ଥିଲେ। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଖବରପାଇ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଓ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

**ଗ୍ୟାସ ନିଆଁରୁ ମା, ଝିଅ ମୃତ୍ୟୁ ଘଟଣା**

### ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଜେଲ୍‌ଭରୋ ଆନ୍ଦୋଳନ

ଭୁବନ,୨୪।୯(ଡି.ଏନ.ଏ.)- ଭୁବନ ଏନ୍‌ଏସି ୩ନଂ. ୱାର୍ଡ ଅଧୀନ ଗୋଡ଼ିପାଟଣାର ଦୁର୍ଯ୍ୟୋଧନ ପୋଥାଲଙ୍କ ସ୍ତ୍ରୀ ମମତା ଓ ଝିଅ ଜ୍ୟୋସ୍ନାମୟୀଙ୍କ ମୃତ୍ୟୁ ଘଟଣାକୁ ନେଇ ସୋମବାର ଅଞ୍ଚଳର ସମସ୍ତ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ଜେଲଭରୋ ଆନ୍ଦୋଳନ କରାଯାଇଛି। ସାମାଜିକ କର୍ମୀ ଦେବାଶିଷ ସୋତାଙ୍କ ତତ୍ତ୍ୱାବଧାନରେ ଏହି ଆନ୍ଦୋଳନରେ ଅଞ୍ଚଳବାସୀ ସାମିଲ ହୋଇଥିଲେ। ସେମାନେ ଅଭିଯୋଗ କରିଥିଲେ, ଡାକ୍ତର ଓ ଅଗ୍ନିଶମ ବିଭାଗର ଭୁଲ ତଥ୍ୟ ନେଇ ଅଭିଯୁକ୍ତ ଖସି ଯାଉଛନ୍ତି। ତେଣୁ ଘଟଣାର ସତ୍ୟାସତ୍ୟ ବାହାର କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସେମାନେ ଦାବି କରିଥିଲେ। ଅନ୍ୟପକ୍ଷରେ ମୃତଦେହ ପାଖରେ ଥିବା ରୋଷେଇ ସାମଗ୍ରୀ ଘଟଣାସ୍ଥଳରେ ପୋଡ଼ି ନ ଥିବାରୁ ମୃତ୍ୟୁକୁ ନେଇ ସନ୍ଦେହ ହେଉଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ପରେ କାମାକ୍ଷାନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ, ଥାନା ଅଧିକାରୀ ପ୍ରମୋଦ କୁମାର ଲେଙ୍କା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା ଚଳାଇଛନ୍ତି। ଖବରଲେଖା ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଛି।

### ଆକ୍ରମଣ କରି ୩୨ ହଜାର ଲୁଟ୍

ପାଲଲହଡା,୨୪।୯(ଡି.ଏନ.ଏ.)- ଖମାର ଥାନା ସାହୁପଡ଼ା ଗ୍ରାମ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ର ମାଲିକ ଚୌଧୁରୀ ସାହୁଙ୍କଠାରୁ ସୋମବାର ଲୁଟ୍ ହୋଇଛି। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ପୂର୍ବାହ୍ନ ସାଢେ ୯ଟାରେ ସେ ନିଜ କାର୍ଯ୍ୟାଳୟ ଶଙ୍ଖମୁରକୁ ଯାଉଥିବାବେଳେ ଘରଠାରୁ ମାତ୍ର ୧ କିମି ଦୂର ମାଧପାଳ ମନ୍ଦିର ସମ୍ମୁଖରେ ୩ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କୁ ଅଟକାଇଥିଲେ। ପରେ ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରି ୩୨ ହଜାର ଟଙ୍କା ଓ ଏକ ଲାପ୍‌ଟପ ନେଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଖମାର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏନେଇ ନଂ.୧୦୨/୧୮ରେ ଏକ ମାମଲା ରୁଜୁ କରାଯାଇଥିବା ଖମାର ଥାନା ଅଧିକାରୀ ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି।

**ଫାଇଲେରିଆ ନିରାକରଣ ସଚେତନତା**

# ଜିଲାରେ ୩୩ ରୋଗୀ ଚିହ୍ନଟ

**ଢେଙ୍କାନାଳ ଅଫିସ,୨୪।୯**

ଢେଙ୍କାନାଳ ଜିଲାରେ ଫାଇଲେରିଆ ରୋଗର ନିରାକରଣ ପାଇଁ ସାମୂହିକ ଔଷଧ ସେବନ ନିମନ୍ତେ ସୋମବାର ଜିଲା ମୁଖ୍ୟ ଚିକିତ୍ସାଳୟରେଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାରେ ଚଳିତବର୍ଷ ୩୩ ଜଣ ଫାଇଲେରିଆ ରୋଗୀ ଚିହ୍ନଟ ହୋଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାସୁଦେବ ବେହେରା ସଭାରେ ପ୍ରକାଶ କରିଥିଲେ। ଚଳିତମାସ ୨୬, ୨୭ ଓ ୨୮ ତାରିଖ ୩ ଦିନ ବ୍ୟାପୀ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ରହିଛି। ଏଥି ନିମନ୍ତେ ସ୍ୱାସ୍ଥ୍ୟସେବିକା, ଆଶା ଓ ଅଙ୍ଗନୱାଡି କର୍ମୀମାନେ ନିୟୋଜିତ ହୋଇଛନ୍ତି । ସେମାନେ ଘରଘର ବୁଲି ଲୋକମାନଙ୍କୁ ଔଷଧ ସେବନ କରାଇବେ। ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜିତେନ୍ଦ୍ରନାଥ ନନ୍ଦ କହିଲେ ଯେ, ଏହି ବଟିକା ସମସ୍ତେ ଗୋଟିଏ ଦିନରେ ଖାଇଲେ ଫାଇଲେରିଆ ରୋଗ ସଂକ୍ରମଣ ହୋଇପାରିବ ନାହିଁ। ପେଟପୁରା ଖାଦ୍ୟ ଖାଇବା ପରେ ଏହି ବଟିକା ସେବନ କରିବାକୁ ସେ ପରାମର୍ଶ ଦେଇଥିଲେ। ଗର୍ଭବତୀ ମହିଳା, ୨ବର୍ଷରୁ କମ୍ ବୟସର ଶିଶୁଙ୍କ ସମେତ ଅଧିକ ଦିନଧରି ରୋଗରେ ପୀଡିତ ଲୋକେ ଏହି ଔଷଧ ନ ଖାଇବାକୁ ସେ କହିଥିଲେ। ଏହି ଔଷଧରେ ସେପରି କିଛି ପାର୍ଶ୍ୱ


ଫାଇଲେରିଆ ରୋଗ ନିରାକରଣ ସଚେତନତା କାର୍ଯ୍ୟକ୍ରମ।

## ୨୬ରୁ ୨୮ ସାମୂହିକ ଔଷଧ ସେବନ

ପ୍ରତିକ୍ରିୟା ନାହିଁ। ବଟିକା ସେବନ ପରେ ଫାଇଲେରିଆ ଜୀବାଣୁ ଥିବା ଲୋକଙ୍କୁ ମୁଣ୍ଡ ବୁଲାଇପାରେ। ହେଲେ ଏହା ଅଳ୍ପ ସମୟ ମଧ୍ୟରେ ଭଲ ହୋଇଯିବ ସେ ପ୍ରକାଶ କରିଥିଲେ। ଜିଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ ଜିଲାରେ ଫାଇଲେରିଆ ରୋଗର ସ୍ଥିତି ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ରୋଗ ନିରାକରଣ ପାଇଁ ବୟସ ଅନୁସାରେ ଡିଇସି ଓ ଆଲବେଣ୍ଡାଜଲ ବଟିକା ସେବନ ପାଇଁ ଆଲୋଚନା ହୋଇଥିଲା। ୨ରୁ ୫ବର୍ଷ ଶିଶୁ ୧୦୦ମିଲିଗ୍ରାମର ଡିଇସି ଗୋଟିଏ ବଟିକା ଓ ଆଲବେଣ୍ଡାଜଲ ୪୦୦ମିଲିଗ୍ରାମର ଗୋଟିଏ ବଟିକା ଖାଇବେ। ସେହିପରି ୬ରୁ ୧୪ବର୍ଷର ବାଳକ ୧୦୦ ମିଲିଗ୍ରାମର ଡିଇସି ୨ଟି ବଟିକା ଓ ଆଲବେଣ୍ଡାଜଲ ୪୦୦ ମିଲିଗ୍ରାମର ଗୋଟିଏ ବଟିକା ଖାଇବେ। ୧୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ୧୦୦ ମିଲିଗ୍ରାମର ଡିଇସି ୩ଟି ବଟିକା ଓ ଆଲବେଣ୍ଡାଜଲ ୪୦୦ ମିଲିଗ୍ରାମର ଗୋଟିଏ ବଟିକା ଖାଇବେ। ଜିଲା ଆକାଉଣ୍ଟ ମ୍ୟାନେଜର ଧୀରେନ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ସହକାରୀ ଜିଲା ସୂଚନା ଅଧିକାରୀ କବିତାରାଣୀ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

**ମହିଳାଙ୍କ ମୃତଦେହ ଉଦ୍ଧାର**

## ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**ଢେଙ୍କାନାଳ ଅଫିସ, ୨୪।୯**

ଢେଙ୍କାନାଳ ଜିଲା ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି ମୁକୁନ୍ଦପୁର ଗ୍ରାମରେ ବିଦ୍ୟୁତ୍ ମେକାନିକ ରଣଜିତ ପଣ୍ଡା(୨୫)ଙ୍କ ସ୍ତ୍ରୀ ବର୍ଷା ବାଗମିତା ମିଶ୍ର(୨୦)ଙ୍କ ମୃତଦେହ ସୋମବାର ତାଙ୍କ ଶ୍ୱଶୁର ଘରୁ ଉଦ୍ଧାର କରାଯାଇଛି। ଯୌତୁକ ଦାବିକୁ କେନ୍ଦ୍ରକରି ବର୍ଷାଙ୍କୁ ଶ୍ୱଶୁର ଘର ଲୋକ ହତ୍ୟା କରିଥିବା ନେଇ ବର୍ଷାଙ୍କ ବାପା ମଦନ ମୋହନ ମିଶ୍ର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ରଣଜିତଙ୍କୁ ଗିରଫ କରିଛି। ଏ ନେଇ ନଂ. ୧୪୧/୧୮ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ଅଭିଯୋଗ ମୁତାବକ, ଅନୁଗୋଳ ଜିଲା ବଇଣ୍ଡା ଅଞ୍ଚଳର ବର୍ଷା ୨୦୧୬ରେ ମୁକୁନ୍ଦପୁର ଗ୍ରାମର ରଣଜିତଙ୍କୁ ବିବାହ କରିଥିଲେ। ବିବାହ ପରେ ଅଧିକ ଯୌତୁକ ଦାବିକରି ସ୍ୱାମୀଙ୍କ ସମେତ ଶ୍ୱଶୁରଘର ଲୋକ ବର୍ଷାଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିଲେ । ରବିବାର ବର୍ଷାଙ୍କ ମୃତ୍ୟୁ ହୋଇଯାଇଥିବା ଖବରପାଇ ତାଙ୍କ ବାପଘର ଲୋକ ଘଟଣାସ୍ଥଳରେ ପହଞ୍ଚିଥିଲେ। ଖବରପାଇ ଗଁଦିଆ ଥାନା ଅଧିକାରୀ ନିରୁପମା ଜେନା, ଯୋରନ୍ଦା ଫାଣ୍ଡି ଅଧିକାରୀ ଗୋପୀନାଥ ବଳିଆରସିଂହ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଅଭିଯୋଗ କ୍ରମେ ରଣଜିତଙ୍କୁ ଗିରଫ କରିବା ସହ ଉଭୟଙ୍କ ୫ ମାସର ପୁତ୍ର ସନ୍ତାନକୁ ବର୍ଷାଙ୍କ ଭଉଣୀକୁ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି।

## ସେଲ୍ଫି କର୍ଣ୍ଣର


@ ରାଜୀବ୍


@ ଦୁଷ୍ମନ୍ତ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ**
dklselfie@gmail.com
(ବଛା ବଛା ସେଲ୍ଫି ପ୍ରକାଶ ପାଇବ)

# ୭୪ ଅଭିଯୋଗର ଶୁଣାଣି



**କାମାକ୍ଷାନଗର,୨୪।୯(ଡି.ଏନ.ଏ)**

ଢେଙ୍କନାଳ ଜିଲା କାମାକ୍ଷାନଗର ବ୍ଲକ ପରିସରରେ ସୋମବାର ଜିଲାପାଳ ନିଖିଲ ପବନ କଲ୍ୟାଣ ମିଳିତ ଜନ ଅଭିଯୋଗ ଶୁଣାଣି କରିଛନ୍ତି । ଶିବିରରେ ଜମିଜମା, ପୋଲିସ, ସ୍ୱାସ୍ଥ୍ୟ, ଆବାସ, ବିଜୁ ପକ୍କାଘର, ଭତ୍ତା, ଖାଦ୍ୟ ସୁରକ୍ଷା ସମ୍ପର୍କିତ ୭୪ଟି ଅଭିଯୋଗ ଶୁଣାଣି ହୋଇଥିଲା । ୨ହଜାର ଲେଖାଏ ୨ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ଏବଂ ୨ଜଣଙ୍କୁ ୧୦ହଜାର ଲେଖାଏ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ଚେକ୍ ପ୍ରଦାନ କରାଯାଇଥିଲା। ଏସ୍‌ପି ସନ୍ତୋଷ କୁମାର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ବିଡିଓ ଜ୍ୟୋତିଶଙ୍କର ସାହୁ, ତହସିଲଦାର ସୁଧାଂଶୁ ମହାନ୍ତି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିଷ୍ଣୁଚରଣ ବେହେରା, ଜିଲା କଲ୍ୟାଣ ଅଧିକାରୀ ମାନସ ରଞ୍ଜନ ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ଅହଲ୍ୟା ଧଳ, ଗ୍ରାମ୍ୟ ଜଳ ଓ ପରିମଳ ନିର୍ବାହୀଯନ୍ତ୍ରୀ ଇଂ ବିଜୟ କୁମାର ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର, ସିଡିପିଓ କ୍ରିଷ୍ଣା ପାଣିଗ୍ରାହୀ, କାମାକ୍ଷାନଗର କୃଷିଜିଲା ଅଧିକାରୀ ଦେବୀପ୍ରସାଦ ସାହୁ, ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ, ଜିଲା ପଞ୍ଚାୟତ ଅଧିକାରୀ ବୀରେନ୍ଦ୍ର ହୋତା, କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଧିକାରୀ ଡା. ରତ୍ନାକର ସାମଲ, ଜିଲା ଜରୁରିକାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ସୀତାଂଶୁ ଦାସଙ୍କ ସମେତ ଜିଲା ଓ ଉପଖଣ୍ଡସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଖବରଦାତାଙ୍କ ବିୟୋଗରେ ଶୋକ

**ଢେଙ୍କାନାଳ ଅଫିସ,୨୪।୯**

ରାୟଗଡାର ବରିଷ୍ଠ ଖବରଦାତା ସୁବାସ ପଣ୍ଡାଙ୍କ ବିୟୋଗରେ ଢେଙ୍କାନାଳ ପ୍ରେସ୍ କ୍ଲବ ପକ୍ଷରୁ ଶୋକ ପ୍ରକାଶ ପାଇଛି। ଜିଲା କାର୍ଯ୍ୟାଳୟ ନିକଟରେ ଆୟୋଜିତ ଏକ ଶୋକ ସଭାରେ ସୁବାସ ପଣ୍ଡାଙ୍କର ସ୍ମୃତିଚାରଣ କରାଯିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜ୍ଞାପନ କରାଯାଇଥିଲା। ଅମରାତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଅଥୟ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶୋକ ସଭାରେ ସଭାପତି ଶଶିମୌଳି ରଥଙ୍କ ସମେତ ସତ୍ୟସ୍ୱରୁପ ଦାସ, ବିନୋଦ ମହାନ୍ତି, ଦେବାଶିଷ ମିଶ୍ର, ଇମତିଆଜ ହୁସେନ, ସନ୍ତୋଷ ଶତପଥୀ, ଅମ୍ବିକା ପଟ୍ଟନାୟକ, ଅରବିନ୍ଦ ସାହୁ, ରାଜଶ୍ରୀ ଶତପଥୀ, ଅମାନୀ ସାହୁ, ଆଦିତ୍ୟ ପଣ୍ଡା, ଶ୍ୟାମସୁନ୍ଦର ସାହୁ, ମାନସ ତ୍ରିପାଠୀ, ନୃସିଂହ ବେହେରା, ବିମଳ ଥମ୍ବ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ହିଂମାଶୁ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଘର, କାର୍ ଭାଙ୍ଗିଲା ଦନ୍ତା

**ରାସ୍ତାରୋକୋ ଆନ୍ଦୋଳନ ନିଷ୍ପତ୍ତି**

**ଢେଙ୍କାନାଳ ଅଫିସ,୨୪।୯**

ଢେଙ୍କାନାଳ ଜିଲା ସଦର ଥାନା ଗଦାଶିଳା ଫରେଷ୍ଟ ସେକ୍ସନ ଅଞ୍ଚଳରେ ଏକ ଦନ୍ତା ହାତୀ ଉପଦ୍ରବ ଜାରି ରହିଛି। ରବିବାର ରାତିରେ ହାତୀଟି ଘର ଭାଙ୍ଗିବା ସହିତ ଗୋଟିଏ କାର୍‌କୁ ଭାଙ୍ଗିରୁଜି ଦେଇଛି। ଏହାକୁ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ଦନ୍ତା ଉପଦ୍ରବରେ ଅତିଷ୍ଠ ଅଞ୍ଚଳବାସୀ ହାତୀକୁ ତୁରନ୍ତ ଉକ୍ତ ଅଞ୍ଚଳରୁ ହଟାଇବା ଦାବିରେ ୫୫ନଂ ଜାତୀୟ ରାଜପଥକୁ ଅବରୋଧ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଦନ୍ତାଟି ଶଙ୍କରପ୍ରତାପପୁର ଗ୍ରାମରେ ରବିବାର ରାତିରେ ପଶି ସୁଧିର କୁମାର ମିଶ୍ରଙ୍କ ଘରର ପଥର ପାଚେରିକୁ ଭାଙ୍ଗି ଦେଇଥିଲା । ଏହାପରେ ଗ୍ରାମର ମନ୍ଦିର ନିକଟରେ ଥିବା ମଦନମୋହନ ମିଶ୍ରଙ୍କ ୧ଏକର ୧୨ଗୁଣ୍ଠ ଜମିରୁ ଧାନ ଖାଇବା ପରେ ଧରଣୀଧର ନାୟକ ଓ ମହେଶ୍ୱର ମିଶ୍ରଙ୍କ ଜମିରୁ ଧାନ ଖାଇଥିଲା। ଗ୍ରାମବାସୀ ହାତୀକୁ ଘଉଡାଇବାକୁ ଉଦ୍ୟମ କରିଥିଲେ ହେଁ ବିଫଳ ହୋଇଥିଲେ । ପରେ ରାତି ପ୍ରାୟ ସାଢେ ୧ଟା ବେଳେ ହାତୀଟି



ଗ୍ରାମର ମୋହନ ମୁରାରୀ ମିଶ୍ରଙ୍କ ଘର ସମ୍ମୁଖରେ ଥିବା କାର୍(ନଂ.ଓଡି.୦୬-୩୩୩୯) ଭାଙ୍ଗିଥିଲା। କାର୍‌ର ଆଗ ଓ ପଛ କାଚ ସହ ଦୁଇଟି ସାଇଟ୍ ଡୋର କ୍ଷତିଗ୍ରସ୍ତ ହୋଇଛି। ଗ୍ରାମର ସଚ୍ଚିଦାନନ୍ଦ ମିଶ୍ର ଓ ଧରଣୀଧର ନାୟକଙ୍କ ଘର ମଧ୍ୟ ଭାଙ୍ଗିଥିହାତୀକୁ ତୁରନ୍ତ ଟ୍ରାଙ୍କୁଲାଇଜ୍ କରି ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି ହୋଇଛି। ବନବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଟାଇଁପୁରଠାରୁ ଅଙ୍କାନ୍ତିପୁର ପର୍ଯ୍ୟନ୍ତ ୫୫ନଂ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ସିମିନଇ ସରପଞ୍ଚ ବିନୋଦିନୀ ନାୟକ ଓ ସମିତି ସଭ୍ୟ ପ୍ରମୋଦ କୁମାର ନାୟକ ଜଣାଇଛନ୍ତି।

## ବିଦ୍ୟାଳୟ ପକ୍ଷରୁ ଇସ୍ରୋ ବୈଜ୍ଞାନିକଙ୍କୁ ସମ୍ବର୍ଦ୍ଧନା


ଇସ୍ରୋ ବୈଜ୍ଞାନିକଙ୍କୁ ସମ୍ବର୍ଦ୍ଧନା।

**ଅନୁଗୋଳ ଅଫିସ, ୨୪।୯**

ଅନୁଗୋଳ ଗାନ୍ଧୀମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପୁରାତନ ଛାତ୍ର ନରେନ୍ଦ୍ର ଦେହୁରୀ ଇସ୍ରୋର ବୈଜ୍ଞାନିକ ଭାବେ ଚୟନ ହୋଇଛନ୍ତି। ସେ ଚଳିତବର୍ଷ ବୈଜ୍ଞାନିକ ତଥା ଯନ୍ତ୍ରୀ ପଦ ପାଇଁ ହୋଇଥିବା ପରୀକ୍ଷାରେ ସପ୍ତମ ସ୍ଥାନ ଅଧିକାର କରି ଓଡ଼ିଶା ତଥା ବିଦ୍ୟାଳୟର ଗୌରବ ବୃଦ୍ଧି କରାଇଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ବିଦ୍ୟାଳୟ ତରଫରୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ଜଣେ ମେଧାବୀ ଓ ଆଦର୍ଶ ଛାତ୍ର ହୋଇଥିବାରୁ ନରେନ୍ଦ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ନିଃଶୁଳ୍କ ଶିକ୍ଷାଦାନ ଦିଆଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ. ସୁଧାକର ପାଳ, ସମ୍ପାଦକ ବିଜୟ କୁମାର ମୋଦି, ପ୍ରଧାନ ଆଚାର୍ଯ୍ୟ ଅନିଲ କୁମାର ଦେହୁରୀ, ସହ ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନା ଓ ସମସ୍ତ ଗୁରୁମା, ଗୁରୁଜୀ ଅଭିନନ୍ଦନ ଜଣାଇବା ସହିତ ତାଙ୍କ ମାତା ନନ୍ଦିନୀ ଦେହୁରୀ ଓ ପିତା ନାରାୟଣ ଦେହୁରୀ ମଧ ଉପସ୍ଥିତ ଥିଲେ।

# ମାଇକ୍ରୋମିଡିଆ ବାର୍ଷିକ ଉତ୍ସବ ପ୍ରସ୍ତୁତି

**ଢେଙ୍କାନାଳ ଅଫିସ,୨୪।୯**

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ମାଇକ୍ରୋମିଡିଆର ୧୬ତମ ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ ପ୍ରତିଭା ଚୟନ, ପ୍ରତିଭା ସମ୍ମାନ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ସନ୍ଧ୍ୟାରେ ସ୍ଥାନୀୟ ମମତା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ଦୀପ୍ତିଶ ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନଭେମ୍ବର ୧୭, ୧୮ ଓ ୧୯ ତାରିଖରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରଥମ ଦୁଇଦିନ ଗୋପବନ୍ଧୁ ଟାଉନହଲଠାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଶେଷ ଦିବସରେ ମିନି ଷ୍ଟାଡିୟମଠାରେ ପୁରସ୍କାର ବିତରଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଚିତ୍ରାଙ୍କନ, ଝୋଟି, ମେହେନ୍ଦି, ତବଲାବାଦନ, ଗିଟାର ବାଦନ, ଓଡିଶୀ ଓ ଲଘୁନୃତ୍ୟ, କଣ୍ଠସଙ୍ଗୀତ, ଦଳଗତ ନୃତ୍ୟ ଆଦି ସର୍ବକନିଷ୍ଠ, କନିଷ୍ଠ ଓ ବରିଷ୍ଠ ବିଭାଗରେ ପ୍ରତିଯୋଗିତା ସହ ଛୋଟ ପିଲାଙ୍କ ମଧ୍ୟରେ ର୍ୟାମ୍ପ ଶୋ' ହେବ। ଜିଲାରେ


ମାଇକ୍ରୋମିଡିଆର ବାର୍ଷିକ ଉତ୍ସବ ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକ।

ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଧାରୀଙ୍କୁ ପ୍ରତିଭା ସମ୍ମାନ ୨୦୧୮ ଓ ରାଜ୍ୟର ବିଭିନ୍ନ ଜିଲାରୁ ଜଣେ ଲେଖାଏ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ସ୍ୱତନ୍ତ୍ର କବିତା ଆସର ସହିତ ସ୍ମରଣିକା ସ୍ମୃତି ଉନ୍ମୋଚିତ ହେବ। ମାଇକ୍ରୋମିଡିଆ ଓ ଭକ୍ତିବିନୋଦ ସ୍ମୃତି ସଂସଦର ମିଳିତ ଆୟୋଜନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ନଗରପାଳ ସୁଧାଂଶୁ କୁମାର ଦଳେଇ, କବି ମନୋରଞ୍ଜନ ନନ୍ଦ, ଅଧ୍ୟାପକ ହରେକୃଷ୍ଣ କର, କବି ବାହାଦୂର ପାଟସାହାଣୀ, ସୁନୀଲ ଦାଶ, ବିଶ୍ୱନାଥ ବେହେରା, ସତ୍ୟସ୍ୱରୁପ ଦାସ, ଶଶିମୌଳି ରଥ, ଅରବିନ୍ଦ ସାହୁ, ଦିନେଶ ଦାସ ପ୍ରମୁଖ ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ଭକ୍ତି ବିନୋଦ ସ୍ମୃତି ସଂସଦର ସମ୍ପାଦକ ଗଗନ ବିହାରୀ ନନ୍ଦ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଅଥୟ କୁମାର ସାହୁ ଉତ୍ସବର ରୂପରେଖ ଉପସ୍ଥାପନ କରିଥିଲେ। ବୈଠକରେ ଗଣେଶ ମିଶ୍ର, ସନ୍ତୋଷ ବେହେରା, ନୃସିଂହ ଚରଣ ବେହେରା, ଅମାନୀ ସାହୁ, ରଞ୍ଜନ ନାୟକ, ଦିପ୍ତିବାଳା ମିଶ୍ର, ପୁଷ୍ପଲତା ରଥ, ବାଇଧର ନାଏକ, ଶିଶିର ଶତପଥୀ, ବିମଳ ମିଶ୍ର, ଅଞ୍ଜନ କୁମାର ସାହୁ, ସିତିକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ଉପସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ-ଅନୁଗୋଳ, ମଙ୍ଗଳବାର, ସେପ୍ଟେମ୍ବର ୨୫ /୨୦୧୮ Dhenkanal-Angul, Tuesday, September 25 / 2018

## ସଂକ୍ଷେପରେ

### ଭାରିଯାନ ଉପରେ କଟକଣା

ଢେଙ୍କାନାଳ ଅଫିସ,୨୪।୯- ଢେଙ୍କାନାଳ ଜିଲାପାଳ ନିଖିଲ ପବନ କୁମାରଙ୍କ ନିର୍ଦ୍ଦେଶ କ୍ରମେ ୫୩ ନମ୍ବର ଜାତୀୟ ରାଜପଥ ପରଜଙ୍ଗ ବ୍ଲକ ଅନ୍ତର୍ଗତ ଜଟିଆଠାରୁ ପିତିରି ମଧରେ କିମ୍ବା ତାହାର କୌଣସି ବିକଳ୍ପ ରାସ୍ତାରେ ଭାରିଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ୨୧।୯।୨୦୧୮ ତାରିଖଠାରୁ ୨୦।୧୦।୨୦୧୮ ତାରିଖ ପର୍ଯ୍ୟନ୍ତ ସକାଳ ୭ଟାରୁ ରାତି ୯ଟା ଯାଏ କୌଣସି ମାଲ ବୋଝେଇ ଟ୍ରକ୍, ଟ୍ରେଲର ଆଦି ଚଳାଚଳ ବନ୍ଦ ରହିବାକୁ ନିର୍ଦ୍ଦେଶ ରହିଛି। ମୋଟରଯାନ ନିୟମ ୧୯୮୮, ଧାରା-୧୧୫ ଏବଂ ଓଡ଼ିଶା ମୋଟରଯାନ ନିୟମ ୧୭୩ର ଉପଧାରା-୧ ଅନୁଯାୟୀ ଏବଂ ଟ୍ରାଫିକ ଜାମ ଓ ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ଏହି ଆଦେଶନାମା ଜାରି କରାଯାଇଛି ।

### ଅସହାୟଙ୍କୁ ବସ୍ତ୍ର ବଣ୍ଟନ

ଢେଙ୍କାନାଳ ଅଫିସ,୨୪।୯- ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ମଠତେନ୍ତୁଳିଆ ଗ୍ରାମରେ ଆଞ୍ଚଳିକ ସେବା ସଙ୍ଗଠନ ପକ୍ଷରୁ ଗ୍ରାମସ୍ଥିତ ଶିବମନ୍ଦିର ପରିସରରେ ଅସହାୟ ମହିଳାଙ୍କୁ ଶାଢ଼ି ଓ ପୁରୁଷଙ୍କୁ ଧୋତି ବଣ୍ଟନ କରାଯାଇଛି। ସଙ୍ଗଠନର ଉପଦେଷ୍ଟା କାଳନ୍ଦୀ ଚରଣ ସାହୁଙ୍କ ନେତୃତ୍ୱରେ ସଙ୍ଗଠନ ସଭାପତି ବିଦ୍ୟାଧର ସାହୁ, ସମ୍ପାଦକ ଅଭିମନ୍ୟୁ ଦାସ, କୋଷାଧ୍ୟକ୍ଷ ପ୍ରଭାସ କୁମାର ସାହୁ, ସଭ୍ୟ ପ୍ରମୋଦ କୁମାର ବାରିକ, ପ୍ରକାଶ କୁମାର ବାରିକ, ଜିତେନ୍ଦ୍ର ସାହୁ, ସୁରେଶ କୁମାର ଜେନା, ବିଜୟ କୁମାର ସାହୁ, ଅକ୍ଷୟ ଭୂତିଆ, ଗଣେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ ସଭାପତି ପୀତବାସ ପୁହାଣ, ଶେଷଦେବ ମହାପାତ୍ର, ସୁଶାନ୍ତ କୁମାର ସାହୁ, ରଞ୍ଜନ ପୁହାଣ, ନିରାକାର ବେହେରା, ନିର୍ମଳା ମଲିକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଲକ୍ଷ୍ମୀଧର ସାହୁ ଧନ୍ୟବାଦ ଦେଇଥିଲେ।

### ଟ୍ରେନ୍‌ରୁ ଖସି ଯୁବକ ଗୁରୁତର

ସୋର,୨୪।୯(ଡି.ଏନ୍.ଏ.) ବାଲେଶ୍ୱର ଜିଲା ସୋର ଷ୍ଟେଶନର ୩ନଂ. ପ୍ଲାଟ୍‌ଫର୍ମରେ ସୋମବାର ଅପରାହ୍ନରେ ନଥିଆ ପୁହାଣ (୪୩) ନାମକ ଯୁବକ ଟ୍ରେନ୍‌ରୁ ଖସିପଡି ଗୁରୁତର ହୋଇଛନ୍ତି। ତାଙ୍କ ଘର ଅଞ୍ଜ ଖରିଦା ଗ୍ରାମରେ। ସେ ପାସେଞ୍ଜର ଟ୍ରେନ୍‌ରୁ ଓହ୍ଲାଉଥିବା ବେଳେ ଖସି ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ନିମନ୍ତେ ସୋର ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

# ପ୍ରଦୂଷଣମୁକ୍ତ ସହର ପାଇଁ ଶୋଭାଯାତ୍ରା


ଓକିଲ ସଂଘର ଆହ୍ୱାନରେ ଆୟୋଜିତ ସାଇକେଲ ଶୋଭାଯାତ୍ରା।

**ଢେଙ୍କାନାଳ ଅଫିସ,୨୪।୯**

ପ୍ରଦୂଷଣମୁକ୍ତ ସହର ଗଠନ ଲକ୍ଷ୍ୟରେ ଢେଙ୍କାନାଳ ଜିଲା ଓକିଲ ସଂଘ ଆନୁକୂଲ୍ୟରେ ସୋମବାର ଏକ ସାଇକେଲ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଜିଲା ଦୌରାଜଜ୍ ତାରାପ୍ରସାଦ ରଥ ପତାକା ଦେଖାଇ ଏହି ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ବାଜିଚୌକଠାରୁ ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରାରେ ପରିବେଶ ପ୍ରଦୂଷଣ ରୋକିବା ଉପରେ ବାର୍ତ୍ତା ଦିଆଯାଇଥିଲା। ବର୍ତ୍ତମାନ ପ୍ରଦୂଷଣ ବୃଦ୍ଧି ସମସ୍ୟା ପ୍ରମୁଖ ଚିନ୍ତାର କାରଣ ହୋଇଛି। ଛୋଟ ପ୍ରୟାସ ମାଧ୍ୟମରେ ଏହାକୁ ରୋକା ଯାଇପାରିବ ବୋଲି ଅତିଥି ଓ ବକ୍ତାମାନେ ପ୍ରକାଶ କରିଥିଲେ। ଶୋଭାଯାତ୍ରାରେ ସିଭିଲକୋର୍ଟ ରେଜିଷ୍ଟ୍ରାର ସଞ୍ଜିତ କୁମାର ବେହେରା, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ଅନୁପ ମଲିକ୍, ନଗରପାଳ ସୁଧାଂଶୁ କୁମାର ଦଳେଇ, ଜିଲା ଅଟୋମୋବାଇଲ ସଂଘର କର୍ମକର୍ତ୍ତାଙ୍କ ସମେତ ଓକିଲ ସଂଘର ସଦସ୍ୟ ଓ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ବୋଲି ସାଧାରଣ ସମ୍ପାଦକ ଟଙ୍କଧର ବେହେରା ଜଣାଇଛନ୍ତି। ସ୍ଥାନୀୟ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ, ସୁଲକ୍ଷଣାଦେବୀ ମହିଳା ଉଚ୍ଚ ବିଦ୍ୟାଳୟ, ଏଲ୍‌ଏମ୍ ହାଇସ୍କୁଲ, ବଳରାମ ହାଇସ୍କୁଲ, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଦିଲ୍ଲୀ ପବ୍ଲିକ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ର, ସାଇକେଲ କ୍ଲବ ସଦସ୍ୟ, ଓକିଲ ସଂଘର ସଦସ୍ୟ, ହକି କ୍ଲବର ସଦସ୍ୟଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଭାଗ ନେଇଥିଲେ।

**ନଦୀରେ ମହ୍ଲାର ଦମ୍ପତି ବୁଡ଼ିଯିବା ଘଟଣା**

## ବ୍ରାହ୍ମଣୀରୁ ସ୍ୱାମୀଙ୍କ ମୃତଦେହ ଉଦ୍ଧାର

**ଢେଙ୍କାନାଳ ଅଫିସ,୨୪।୯**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଗୁଣ୍ଡିଚାନାଳି ଗ୍ରାମର ମହ୍ଲାର ଦମ୍ପତି ଗୁରୁବାର ମହୁ ସଂଗ୍ରହ କରିବାକୁ ଯାଇ ଫେରିବା ବେଳେ ନଦୀରେ ଭାସି ଯାଇଥିଲେ । ଘଟଣାର ୪ ଦିନ ପରେ ସ୍ତ୍ରୀ ରିଙ୍କିଙ୍କ ମୃତଦେହ ଗ୍ରାମସ୍ଥିତ ନଦୀରୁ ମିଳିଥିବା ବେଳେ ରବିବାର ସନ୍ଧ୍ୟାରେ ସ୍ୱାମୀ କୁଶ ପଧାନଙ୍କ ମୃତଦେହ ଭୁବନ ଥାନା କିଙ୍ଗୋଳ ଗ୍ରାମ ବ୍ରାହ୍ମଣୀ ନଦୀକୂଳରୁ ଉଦ୍ଧାର କରାଯାଇଛି । ମୃତଦେହ ଚିହ୍ନଟରେ ସନ୍ଦେହ ପ୍ରକାଶ ପାଇଥିଲା। କିନ୍ତୁ ସୋମବାର କୁଶଙ୍କ ପରିବାର ପକ୍ଷରୁ ମୃତଦେହକୁ ଚିହ୍ନଟ କରାଯାଇଛି।

## ମଦ ଜବତ, ଜଣେ ଗିରଫ

**ରାସୋଳ,୨୪।୯(ଡି.ଏନ.ଏ)**

ଢେଙ୍କାନାଳ ଜିଲା ରାସୋଳ ଖଲିବୋରେଇ ଗ୍ରାମରୁ ସୋମବାର ୧୫ ଲିଟର ମଦ ଜବତ କରାଯାଇ ଗଙ୍ଗାଧର ନାଏକଙ୍କୁ ଗିରଫ କରାଯାଇଛି। ଗଙ୍ଗାଧର ମଦ ନେଇ ଆସୁଥିବାବେଳେ ମହିଳା ସ୍ୱୟଂ ସହାୟକ ଦଳ, ଗ୍ରାମବାସୀ ଓ ବିଜୁ ବାହିନୀ ମଦ ଜବତ କରି ପୋଲିସକୁ ଖବର ଦେଇଥିଲେ । ଏଏସ୍‌ଆଇ ପ୍ରଦୀପ୍ତ ଶତପଥୀ ପହଞ୍ଚି ଗଙ୍ଗାଧରଙ୍କୁ ଗିରଫ କରିଥିଲେ।


ଅପୂର୍ବା ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦରଖାସ୍ତ ଲେଖୁଛନ୍ତି।

**ପୁଅ ଘର ପାଇଁ ମା’ ମାଗିଲା କାର୍ଯ୍ୟାଦେଶ**

## ଥର ଥର ହାତରେ ଜିଲାପାଳଙ୍କୁ ଲେଖିଲେ ଦରଖାସ୍ତ

**ଢେଙ୍କାନାଳ ଅଫିସ,୨୪।୯**

ଘର ନ ଥିବାରୁ ହଇରାଣ ହେଉଛି ପୁଅ। ମୁଣ୍ଡ ଗୁଞ୍ଜିବାକୁ ପରିବାର ଧରି ବଡ ହିନିମାନ ହେଉଛି। ସରକାରଙ୍କ ପକ୍ଷରୁ ଇନ୍ଦିରା ଆବାସ ମଞ୍ଜୁର ହୋଇଥିଲେ ବି ବ୍ଲକ ପ୍ରଶାସନ ଦେଉନି କାର୍ଯ୍ୟାଦେଶ। ନିଜ ଥର ଥର ହାତରେ ଜିଲାପାଳଙ୍କୁ ଏପରି ଏକ ଦରଖାସ୍ତ ଲେଖିଛନ୍ତି ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୂଳପାଟଣା ଗ୍ରାମର ଅପୂର୍ବା ଦାଶ। ୭୫ ବର୍ଷୀୟା ଅପୂର୍ବା ସୋମବାର ସକାଳୁ ପୁଅ ଚିନ୍ତାରେ ଧାଇଁ ଆସିଥିଲେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ। କାର୍ଯ୍ୟାଳୟ ବାହାରେ କାଗଜ କଲମରେ ଦୁଃଖ ଲେଖିଥିଲେ ଜିଲାପାଳଙ୍କ ଉଦ୍ଦେଶ୍ୟରେ। ଅପୂର୍ବାଙ୍କ କହିବା ମୁତାବକ, ତାଙ୍କ ପୁଅକୁ ଇନ୍ଦିରା ଆବାସ ଯୋଜନାରେ ଏକ ଘର ମଞ୍ଜୁର କରାଯାଇଥିଲା। ହେଲେ ଏବେ ବ୍ଲକ ପ୍ରଶାସନ କାର୍ଯ୍ୟାଦେଶ ପ୍ରଦାନ କରୁନି। ଏଥିପାଇଁ ସେ ପଞ୍ଚାୟତ, ବ୍ଲକ ଓ ଜିଲା କାର୍ଯ୍ୟାଳୟକୁ ବାରମ୍ବାର ଧାଇଁ ଥିଲେ ବି ସବୁଥର ନିରାଶ ହୋଇ ଫେରିବାକୁ ପଡିଛି। ଜିଲାପାଳ ତାଙ୍କ ଦୁଃଖ ଶୁଣିଲେ ତ୍ୱରିତ ନ୍ୟାୟ ମିଳିବା ଆଶରେ ସେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ପ୍ରକାଶ କରିଛନ୍ତି। ତେବେ ସୋମବାର କାମାକ୍ଷାନଗରଠାରେ ଜନ ଅଭିଯୋଗ ଶୁଣାଣି ଶିବିର ଥିବାରୁ ଜିଲାପାଳ ନ ଥିବା ଜାଣି ସେ ଜିଲା କାର୍ଯ୍ୟାଳୟରେ ଦରଖାସ୍ତଟିକୁ ଦେଇ ଫେରି ଯାଇଥିଲେ।

**ଜିଲାସ୍ତରୀୟ ଫୁଟବଲ୍ ପ୍ରତିଯୋଗିତା**

## ସାରଳା କ୍ଳବ ବିଜୟୀ

**ଢେଙ୍କାନାଳ ଅଫିସ,୨୪।୯**

ଢେଙ୍କାନାଳ ଜିଲା କ୍ରୀଡା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମଠାରେ ଚାଲିଥିବା ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାର ସୋମବାର ଅନୁଷ୍ଠିତ ମ୍ୟାଚରେ ଗୁଣ୍ଡିଚାପଡାର ସାରଳା କ୍ଲବ ୪-୦ ଗୋଲରେ ଦୁର୍ଗାପ୍ରସାଦ ଦଳକୁ ପରାସ୍ତ କରିଛି। ଏଥିଯୋଗୁ ସାରଳା କ୍ଲବ ୩ ପଏଣ୍ଟ ହାସଲ କରିଛି । ବିଜୟୀ ଦଳ ପକ୍ଷରୁ କରିମ ଖାଁ ୨ଟି, ସୁଲେମାନ ଖାଁ ଓ ଏସ୍‌କେ ହୁସେନ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ରେଫରୀ କିଶାନ ଦାସ, ତନ୍ମୟ ପଟ୍ଟନାୟକ, ମହାବୀର ନାଥ, ମାୟାଧର ସାହୁ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ । ଜିଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଞ୍ଜୟ କୁମାର ଭଞ୍ଜ, ମନୋଜ ପଟ୍ଟନାୟକ, ଗୌରାଙ୍ଗ ଚରଣ ସେଠି, ଶତ୍ରୁଘ୍ନ ମାଟି ଓ ଅଜୟ କୁମାର ସ୍ୱାଇଁ ସହଯୋଗ କରିଥିଲେ । ମଙ୍ଗଳବାର ଚନ୍ଦ୍ରଶେଖରପୁର ଓ ନଛିପୁରା ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କ୍ରୀଡାସଂଘ ସମ୍ପାଦକ ନଳିନୀ କୁମାର ଦାସ ଜଣାଇଛନ୍ତି।

## କାର୍ଯ୍ୟବନ୍ଦ ଆନ୍ଦୋଳନରେ ଅଗ୍ନିଶମ କର୍ମଚାରୀ

**ଢେଙ୍କାନାଳ ଅଫିସ / ଭୁବନ,୨୪।୯**

ଜରୁରିକାଳୀନ ସେବାରେ ନିୟୋଜିତ ଢେଙ୍କାନାଳ ଅଗ୍ନିଶମ ସେବା କେନ୍ଦ୍ରର କର୍ମଚାରୀମାନେ ୬ ଦଫା ଦାବିରେ ସୋମବାରଠାରୁ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଓଡ଼ିଶା ଅଗ୍ନିଶମ କର୍ମଚାରୀଙ୍କୁ ଓଡ଼ିଶା ପୋଲିସ କର୍ମଚାରୀଙ୍କ ସହ ସମାନ ଦରମା ଓ ଭତ୍ତା ପ୍ରଦାନ, ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥାର ହାବିଲଦାର ଓ ଫାୟାରମ୍ୟାନ ଆସୋସିଏଶନକୁ ସରକାରୀ ପଞ୍ଜୀକରଣଭୁକ୍ତ କରାଯିବା, ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିୟମିତ ଦରମା ପ୍ରଦାନ ସହ ଅଗ୍ନିଶମ କର୍ମଚାରୀମାନଙ୍କୁ ନିଜ ଜିଲା ଏବଂ ଆବଶ୍ୟକସ୍ଥଳେ ନିକଟସ୍ଥ ଜିଲାରେ ନିଯୁକ୍ତ କରିବା, ଅବସରଗ୍ରହଣ କରିଥିବା କର୍ମଚାରୀଙ୍କୁ ପେନସନ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରିବା, କର୍ମଚାରୀଙ୍କୁ ୮ ଘଣ୍ଟା ଡ୍ୟୁଟିରେ ମୁତୟନ କରିବା ସହିତ କେଉଁ କେଉଁ କାର୍ଯ୍ୟରେ ନିୟୋଜିତ ହେବେ ସରକାର ତାହାର ବିଜ୍ଞପ୍ତି ପ୍ରକାଶ କରିବା, ଖାଲି ପଡିଥିବା ପଦବୀଗୁଡିକ ତୁରନ୍ତ ପ୍ରଦାନ ଆଦି କରିଛନ୍ତି। ଆନ୍ଦୋଳନ ଯୋଗୁ ଜରୁରୀ ସେବା ବାଧାପ୍ରାପ୍ତ ହୋଇଛି। ସେହିପରି ଭୁବନ ଅଗ୍ନିଶମ ବାହିନୀ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ମୁଖ୍ୟ ଆଗ୍ନିକ ଶିଶିର କୁମାର ଦେହୁରୀଙ୍କ ତତ୍ତ୍ୱାବଧାନରେ ସୂର୍ଯ୍ୟମଣି ରାଉତ, ଶିବପ୍ରସାଦ ସେଠୀ, ବିଶ୍ୱନାଥ ଦଳେଇ, ସୁବାସ ମଣ୍ଡଳ, ଭାଗୀରଥି ପ୍ରଧାନ, ଜିତେନ୍ଦ୍ର ପତି, ରମ୍ୟ ରଞ୍ଜନ ନାୟକ ଯୋଗଦେଇ ବିଭିନ୍ନ ସ୍ଲୋଗାନ ଦେଇଥିଲେ।


ଢେଙ୍କାନାଳରେ ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ।




## ଆକ୍ରମଣ ଅଭିଯୁକ୍ତଙ୍କୁ ବର୍ଷେ ଜେଲ

**ଢେଙ୍କାନାଳ ଅଫିସ,୨୪।୯**

ଢେଙ୍କାନାଳ ଜିଲା ସଦର ଥାନା ବଳରାମପୁର ଗ୍ରାମରେ ୨୦୦୪ ମସିହାରେ ଏକ ଆକ୍ରମଣ ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଜୁନିୟର ମାଜିଷ୍ଟ୍ରେଟ୍ ଫାଷ୍ଟକ୍ଲାସ ରେଖାରାଣୀ ନାୟକ ଏହି ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ ଅରୁଣ ପାତ୍ରଙ୍କୁ ଏକ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଘଟଣାରୁ ଜଣାପଡିଛି, ଗତ ୮।୧୦।୨୦୦୪ ସନ୍ଧ୍ୟାରେ ବଳରାମପୁର ଗ୍ରାମର ବ୍ରଜରାଜ ଜେନା ତାଙ୍କ ବାଡିରେ ବାଡ ପକାଇବା ସହିତ ଶାଗୁଆନ ଗଛ ଲଗାଉଥିବା ବେଳେ ସେହି ଗ୍ରାମର ଅରୁଣ ପାତ୍ର ମାରଣାସ୍ତ୍ର ଧରି ବାଡ ଭାଙ୍ଗିବା ଓ ଗଛ ଉପାଡିବା ସହ ବ୍ରଜରାଜଙ୍କୁ ଆକ୍ରମଣ କରିଥିଲେ। ବ୍ରଜରାଜଙ୍କ ପୁଅ ପ୍ରକାଶ ଜେନା ଓ ସ୍ତ୍ରୀ ସେଠାରେ ପହଞ୍ଚି ପ୍ରତିବାଦ କରିବାରୁ ଉଭୟଙ୍କୁ ଆକ୍ରମଣ କରି ଅଭିଯୁକ୍ତ ପଳାଇଥିଲେ। ଏ ସମ୍ପର୍କରେ ୯ ତାରିଖରେ ସଦର ଥାନାରେ ଅଭିଯୋଗ ପରେ ମାମଲା ରୁଜୁ ହୋଇଥିଲା । ଏହି ମାମଲାର ଜିଆର କେସ୍ ନଂ- ୮୨୨।୦୪ର ବିଚାର କରି ଜୁନିୟର ମାଜିଷ୍ଟ୍ରେଟ୍ ଫାଷ୍ଟକ୍ଲାସ ରେଖାରାଣୀ ନାୟକ ଅଭିଯୁକ୍ତ ଅରୁଣଙ୍କୁ ଏକ ବର୍ଷ କାରାଦଣ୍ଡାଦେଶ ଓ ୨ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଥିଲେ। ଜରିମାନା ଅନାଦେୟ ଏକମାସ ଅଧିକ ଜେଲ ଦଣ୍ଡାଦେଶ ପ୍ରଦାନ କରାଯାଇଛି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ପୁଷ୍ପକ ତ୍ରିପାଠୀ, ଅଦ୍ୱୈତ ପ୍ରସାଦ ବାରିକ ଓ ଅନୁଜ୍ଞା ମହାନ୍ତି ପରିଚାଳନା କରିଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ